ଧରିତ୍ରୀ
DHARITRI
November 17-23, 2024 ₹ 2/-

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ଯାହାଙ୍କ ପାଇଁ ନାରୀ ପୁରୁଷ ସମାନ

ଯାହା କାହିଁ କେଉଁ କାଳରୁ ହେଇ ନ ଥିଲା। ତାହାକୁ କରି ଦେଖାଇଛନ୍ତି କେତେଜଣ ପୁରୁଷ। ପ୍ରଥା ପରମ୍ପରା ନାଁରେ ନାରୀର ସ୍ୱାଧୀନତା, ଅଧିକାରକୁ ଯେଉଁ ବେଡି ପକାଯାଇଥିଲା, ତାକୁ ସେମାନେ ଛିଣ୍ଡାଇଛନ୍ତି। ଆଉ ପ୍ରୟାସ କରିଛନ୍ତି ଲିଙ୍ଗଗତ ଭେଦଭାବ ଦୂର କରି ନାରୀକୁ ତା'ର ସମ୍ମାନ ଫେରାଇବେ...



# ମୟୂରପୁଚ୍ଛର ବାସ୍ତୁ ବିଚାର

**ଭଗବାନ୍ ଶ୍ରୀକୃଷ୍ଣ ମୟୂରପୁଚ୍ଛକୁ ନିଜ ମଥାରେ ଧାରଣ କରିଥିଲେ। କାର୍ତ୍ତିକେୟଙ୍କର ବାହନ ବି ହେଉଛି ମୟୂର। ତେଣୁ ଏଥିରୁ ଅନୁମାନ କରିହୁଏ ଯେ, ମୟୂର ଏବଂ ତା'ର ପୁଚ୍ଛର କେତେ ମାହାତ୍ମ୍ୟ ରହିଛି।**

✲ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ଦକ୍ଷିଣ-ପୂର୍ବ କୋଣରେ ମୟୂରପୁଚ୍ଛ ରଖିଲେ ଘରର ଉନ୍ନତି ହେବା ସହ ନକାରାତ୍ମକ ଶକ୍ତି ସହଜରେ ପ୍ରବେଶ କରିପାରେ ନାହିଁ।

✲ କୌଣସି ଏକ ରାଧାକୃଷ୍ଣ ମନ୍ଦିରରେ ପ୍ରଭୁଙ୍କ ମୁକୁଟରେ ୪୦ଦିନ ପର୍ଯ୍ୟନ୍ତ ମୟୂରପୁଚ୍ଛଟିଏ



ଲଗାଇ ପ୍ରତିଦିନ ସନ୍ଧ୍ୟାବେଳେ ଲହୁଣି-ମିଶ୍ରି ଭୋଗ କରିବେ। ୪୧ ଦିନ ମନ୍ଦିରରେ ଉପଯୁକ୍ତ ଦାନ, ଦକ୍ଷିଣା ଓ ଭୋଗ ପ୍ରସାଦ ଦେଇ ଉକ୍ତ ମୟୂରପୁଚ୍ଛକୁ ସେଠାରୁ ଆଣି ଘରେ ଥିବା ଲକରରେ ରଖିଲେ, ସୁଖଶାନ୍ତି ବୃଦ୍ଧି ହେବା ସହ ବହୁଦିନ ଧରି ଅଟକି ରହିଥିବା କାମ ସୁରୁଖୁରୁରେ ହୋଇଯାଏ।

✲ ମୟୂରପୁଚ୍ଛରେ କାଳସର୍ପ ଦୋଷକୁ ନଷ୍ଟ କରିବାର ଅଦ୍ଭୁତ ଶକ୍ତି ରହିଥିବା ବିଶ୍ୱାସ କରାଯାଏ। କୁହାଯାଏ, କାଳସର୍ପ ଦୋଷ ଥିବା ବ୍ୟକ୍ତି ପୂର୍ଣ୍ଣିମା ଦିନ ନିଜ ତକିଆ ଖୋଳ ଭିତରେ ୯ଟି ମୟୂରପୁଚ୍ଛକୁ ରଖି ସେଥିରେ ପ୍ରତିଦିନ ଶୋଇଲେ ଧୀରେ ଧୀରେ ଏହି ଦୋଷ ପ୍ରଭାବହୀନ ହୋଇଯାଇଥାଏ।

✲ ମୟୂରପୂଚ୍ଛରେ ଝାଡ଼ିହେଲେ ଶରୀର ଉପରେ ଯଦି କିଛି ନକାରାତ୍ମକ ଶକ୍ତିର ପ୍ରଭାବ ଥାଏ, ତା'ହେଲେ ତାହା ନଷ୍ଟ ହୋଇଯାଏ ବୋଲି ବିଶ୍ୱାସ କରାଯାଏ।

✲ ନିଜ ଡାଏରି କିମ୍ବା ପକେଟ୍‌ରେ ମୟୂରପୁଚ୍ଛଟିଏ ରଖିଲେ ଅଥବା ଘରର ପୂର୍ବ କିମ୍ବା ଉତ୍ତର-ପଶ୍ଚିମ ଦିଗରେ ଥିବା କବାଟରେ ମୟୂରପୁଚ୍ଛ ଲଗାଇଲେ ବ୍ୟକ୍ତିଙ୍କ ଉପରେ ଥିବା ରାହୁ-କେତୁ ଦୋଷ ଦୂରହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୧୭ - ୨୩**

**ମେଷ**
କର୍ମଜଞ୍ଜାଳ ବୃଦ୍ଧି, ଶାରୀରିକ ଅସୁସ୍ଥତା, କାମ ହାସଲରେ ବିଳମ୍ବ, ସାମାଜିକ ସମ୍ମାନ, ଭ୍ରମଣ ସୁଯୋଗ, ଧର୍ମକାର୍ଯ୍ୟ, କର୍ମ ସଂସ୍ଥାନ, ନୂତନ ଯୋଜନା, ପାରିବାରିକ ସହଯୋଗ,ବୃତ୍ତି ବାଣିଜ୍ୟରେ ସଫଳତା, କଳାରେ ସମ୍ମାନ ।।

**ବୃଷ**
ଫାଇଲ୍ କାମ ବୃଦ୍ଧି, ଘରକଥା ବୁଝି ପାରିବେନି, କୃତି ଓ କୃତିତ୍ୱରୁ ପ୍ରଶଂସା, କର୍ମଜଞ୍ଜାଳ ବଢ଼ିବ, ସଫଳତାରେ ଆନନ୍ଦ, ପୈତୃକ ସମ୍ପତ୍ତିରେ ବିବାଦ, ବନ୍ଧୁ କଥାରେ ପ୍ରଭାବିତ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସମ୍ମାନ, ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ।।

**ମିଥୁନ**
ଶୁଭ ଖବରପ୍ରାପ୍ତି, ନୂତନ କାର୍ଯ୍ୟାରମ୍ଭ, କଠିନ ପରିଶ୍ରମ, ବନ୍ଧୁଙ୍କ ସହଯୋଗ, ବିଗତ ଘଟଣାର ସମୀକ୍ଷା, ସାମାଜିକ ପ୍ରତିବନ୍ଧକ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ଧର୍ମାନୁଷ୍ଠାନରେ ନେତୃତ୍ୱ।

**କର୍କଟ**
ମାନସିକଚାପ ବୃଦ୍ଧି, ଅବସର ପାଇବେନି, ପ୍ରତିଯୋଗିତାରେ ସଫଳତା, କର୍ମଜଞ୍ଜାଳ ବଢ଼ିଯିବ, ଆର୍ଥିକ ଦୂରବସ୍ଥା, ବନ୍ଧୁଙ୍କ ସମାଲୋଚନା, ବ୍ୟବସାୟରେ କ୍ଷତି, ନୂତନ ମିତ୍ରତା, କଳାସାହିତ୍ୟରେ ଉନ୍ନତି ।।

**ସିଂହ**
ଆରୋଗ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ଅପବ୍ୟୟରୁ ମନସ୍ତାପ, ଭ୍ରାତୃସମ୍ପର୍କ ହାନି, ପରିସ୍ଥିତିର ମୁକାବିଲା, ଧର୍ମକାର୍ଯ୍ୟରେ ରୁଚି, ଭ୍ରମଣ ସୁଯୋଗ, ମାମଲାର ଫଇସଲା, ଯାନବାହନରେ ସମସ୍ୟା, କ୍ରୀଡା ନୈପୁଣ୍ୟତା ।।

**କନ୍ୟା**
ନିରୁତ୍ସାହିତ ହେବେ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ଦୁଃସାଧ୍ୟ କାର୍ଯ୍ୟ ସାଧନ, ଋଣଗ୍ରସ୍ତ ହେବେ, ସନ୍ତାନଙ୍କ ବିଶୃଙ୍ଖଳା, ସଙ୍ଗୀତ ସମାରୋହ, ମାନସିକ ପ୍ରଫୁଲ୍ଲତା, ପିତୃବର୍ଗରେ ପୀଡା, ବକେୟା ଅର୍ଥପ୍ରାପ୍ତି, ଆନୁଷ୍ଠାନିକ କର୍ମାରମ୍ଭ ।।

**ତୁଳା**
ବନ୍ଧୁଙ୍କ ସହ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟନଷ୍ଟରୁ ଅଶାନ୍ତି, ପାରିବାରିକ ଜଞ୍ଜାଳ, ବାଣିଜ୍ୟର ଅଭିବୃଦ୍ଧି, ଉପରିସ୍ଥଙ୍କ ତାଗିଦା, ଯାନବାହନର ନବୀକରଣ, ସନ୍ତାନ ହେତୁକ ଗୌରବ, ରୋଗପୀଡା କମିବ, ବନ୍ଧୁଙ୍କ ପରାମର୍ଶ, ଧର୍ମକାର୍ଯ୍ୟରେ ଆଗ୍ରହ ।।

**ବିଛା**
ଶାରୀରିକ ଅସୁସ୍ଥତା, ପରିବାରରେ ଝଡ, ବନ୍ଧୁ କ୍ଷୁବ୍ଧ ହେବେ, ବନ୍ଧୁଙ୍କ ଅନାଦର, ସାମୟିକ ମନ ଦୁଃଖ, ପରିସ୍ଥିତି ହାଲୁକା ରହିବ, ବନ୍ଧୁ ମିଳନରୁ ଆନନ୍ଦ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶାନୁରୂପ ଫଳ, ସାମ୍ବାଦିକତାରୁ ଗୌରବ।

**ଧନୁ**
କାର୍ଯ୍ୟରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଖୁସିର ଆସର ଜମିବ, ନିର୍ମାଣରେ ବିବାଦ, ସମସ୍ୟାର ସମାଧାନ, ପଡୋଶୀଙ୍କ ଆକ୍ଷେପୋକ୍ତି, ସୁସମ୍ପର୍କ ବ୍ୟାହତ, ଭୁଲ କାମ କରିପାରନ୍ତି, ଶାରୀରିକ ପୀଡ଼ା ଅନୁଭବ, ଶିଳ୍ପବାଣିଜ୍ୟରେ ଉନ୍ନତି ।।

**ମକର**
ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଦୂରବସ୍ଥା, ସଭାସମିତିକୁ ଆହ୍ୱାନ, ପରିବହନରେ ଝଗଡା, ସାହିତ୍ୟ ଚର୍ଚ୍ଚାରୁ ଆନନ୍ଦ, ସାମ୍ବାଦିକତାରୁ ଗୌରବ, ବିପନ୍ନ ମାନସିକତା, ଖର୍ଚ୍ଚ ପରିମାଣ ବୃଦ୍ଧି, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ମୂଲ୍ୟବାନ ଦ୍ରବ୍ୟଲାଭ, ଦୂରଯାତ୍ରାର ଯୋଜନା ।।

**କୁମ୍ଭ**
ଦୁଃଚିନ୍ତା ଦୂର ହେବ, ବୈଷୟିକ ଅଭିବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ପ୍ରଶଂସା, କାର୍ଯ୍ୟହାନୀ ଘଟିବ, ସମ୍ପର୍କୀୟଙ୍କ ସାହାଯ୍ୟ, ମନୋବଳ ବୃଦ୍ଧି ପାଇବ, ବିବାଦର ସମାଧାନ, ଋଣ ପରିଶୋଧ, ଧର୍ମକାର୍ଯ୍ୟରେ ରୁଚି ।।

**ମୀନ**
ଅଜୀର୍ଣ୍ଣ ପୀଡ଼ା, ଅତୀତ ଘଟଣାର ଅନୁଚିନ୍ତା, ପାରିବାରିକ କଳହ, ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ସାମାଜିକ ସ୍ତରରେ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପାଇବେ, ସମସ୍ୟାର ସମାଧାନ, ଆମୋଦ ପ୍ରମୋଦ, ସାହାଯ୍ୟ ସହଯୋଗ ପାଇବେ ।।

# ଶୀତଦିନେ କ'ଣ ଖାଇବେ

ଶୀତଦିନେ ଅନେକଙ୍କଠାରେ ଥଣ୍ଡା, କାଶ, ଜ୍ୱର, ତଣ୍ଟି ଦରଜ ଭଳି ସମସ୍ୟା ଦେଖାଯାଇଥାଏ। ତା'ସାଙ୍ଗକୁ ଶୀତବସ୍ତ୍ରର ଚାହିଦା ବି ବଢ଼ିଯାଏ। ତେବେ କେବଳ ଶୀତବସ୍ତ୍ର ପିନ୍ଧିଦେଲେ ତ ହେବନି, ଏହିଦିନେ କିଛି ଖାସ୍ ଜିନିଷକୁ ନିଜ ଡାଏଟ୍‌ରେ ସାମିଲ କରିବା ମଧ୍ୟ ଦରକାର; ଯାହା ଶରୀରକୁ ଭିତରୁ ଉଷ୍ମତା ପ୍ରଦାନ କରିବ। ଯେମିତିକି: ✲ **ଗୁଡ଼:** ଶୀତଦିନେ ଗୁଡ଼ ସୁପରଫୁଡ୍ ଭଳି କାମ ଦେଇଥାଏ। ଏହା ହଜମକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଶୀତରେ ଶରୀରକୁ ଉଷ୍ମତା ପ୍ରଦାନ କରିଥାଏ; ଯଦ୍ୱାରା ଥଣ୍ଡା, କାଶରୁ ମୁକ୍ତିମିଳେ। ✲ **ଘିଅ:** ଶୀତଦିନେ ଗୁଆଘିଅକୁ ଖାଦ୍ୟପଦାର୍ଥରେ ବ୍ୟବହାରକଲେ କେବଳ ଖାଦ୍ୟର ସ୍ୱାଦ ବଢ଼େନି ଅଧିକନ୍ତୁ ଏହା ଶରୀରର ତାପମାତ୍ରାକୁ ବଢ଼ାଇବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ଶକ୍ତିକୁ ବି ବଢ଼ାଇଥାଏ। ✲ ଶୀତଦିନେ ଖଜୁରି ଖାଇବା ବି ଲାଭଦାୟକ ହୋଇଥାଏ। ଏହା ଶରୀରକୁ ଫୁର୍ତ୍ତି ରଖିବାରେ ସହାୟକ ହୁଏ। ✲ ଶୀତଦିନେ ଅଦା, ମିଶିରି, ତୁଳସୀପତ୍ରର କାଢ଼ା ପ୍ରସ୍ତୁତକରି ପିଇବା ବି ଉତ୍ତମ ଫଳ ଦେଇଥାଏ। ✲



ବିଭିନ୍ନ ଡ୍ରାଏ ଫ୍ରୁଟ୍ସରେ ତିଆରି ଲଡୁ ଖାଇଲେ ବି ଶୀତଦିନେ ବେଶ୍ ଆରାମ ଲାଗେ। ✲ ଏହାଛଡ଼ା ଶୀତିଦିନେ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଯେମିତିକି କମଳା, ଲେମ୍ବୁ, ଅଁଳା ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଥଣ୍ଡା, କାଶରୁ କେତେକାଂଶରେ ମୁକ୍ତିମିଳିଥାଏ।

# ପାଠକୀୟ

✲ ପତି-ପତ୍ନୀ! ଦୁହେଁ ଦୁହିଁଙ୍କୁ ପ୍ରତିଶ୍ରୁତି ଦିଅନ୍ତି ସାତଜନ୍ମ ପାଇଁ ହାତ ନ ଛାଡ଼ିବାର। ହେଲେ କାଳର ଆବର୍ତ୍ତ ଭିତରେ ଏମାନେ ହରେଇଛନ୍ତି ନିଜ ଜୀବନସାଥୀକୁ। ତଥାପି ଭୁଲିନାହାନ୍ତି ଜୀବନସାଥୀଙ୍କ ସ୍ମୃତିକୁ ବଞ୍ଚାଇରଖିବା ସହ ତାଙ୍କ ଅସମ୍ପୂର୍ଣ୍ଣ କାମକୁ ପୂରା କରିବାର; ଯାହାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମରଣ ପରେ ବି ସାଥୀପଣ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ସୁଖଶାନ୍ତି ବୃଦ୍ଧି ପାଇଁ', 'ଫୁର୍ତ୍ତି ରହିବେ କିପରି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***- ପ୍ରଣତି ଜେନା, ଶହୀଦନଗର, ଭୁବନେଶ୍ୱର***

✲ ହାତ ଧରାଧରି ହୋଇ ଆରମ୍ଭ କରନ୍ତି ପତି-ପତ୍ନୀ ଯୁଗଳ ଜୀବନ। କିନ୍ତୁ ବେଳେବେଳେ ଭାଗ୍ୟ ସେମାନଙ୍କୁ ଅଲଗା କରିଦିଏ। ଜଣେ ଜଣଙ୍କୁ ଏକାକରି ଆରପାରିକୁ ଚାଲିଯାଏ। କିନ୍ତୁ ସେହି ଜୀବନସାଥୀର ସ୍ମୃତିକୁ ସମ୍ବଳକରି କେତେଜଣ ଅଣ୍ଟା ସଳଖି ଛିଡ଼ାହେବା ସହ ତାଙ୍କର ରହିଯାଇଥିବା ଅଧୁରା ସ୍ୱପ୍ନକୁ ପୂରା କରିବାକୁ ପଣ କରନ୍ତି। ଏହାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମରଣ ପରେ ବି ସାଥୀପଣ' ବେଶ୍ ନିଆରା ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ବୁଟ୍‌କଟ୍ ଜିନ୍ସ ଫ୍ୟାଶନ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା।

***- ରାଧାମୋହନ ସ୍ୱାଇଁ, ଫୁଲନଖରା, କଟକ***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ କବି ଡ.ଦିଲୀପ କୁମାର ସ୍ୱାଇଁଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ମାନସିକ' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଆଶାରେ ଧୀରେନ୍', 'ଶେଷରେ ବୁଝିଲେ', 'ଡରକୁଳି ଅନନ୍ୟା' ଆଦି ପାଠ ବେଶ୍ ମଜାଦାର ଥିଲା। ***- ଚିନ୍ମୟୀ ମିଶ୍ର, ଜଟଣୀ, ଖୋର୍ଦ୍ଧା***

✲ ସାହିତ୍ୟିକ ମନୋଜ କୁମାର ଜେନାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। 'ମୁଖାର ଗାଁ' ଶୀର୍ଷକ ପାଠରୁ କିଛିଟା ନୂଆ କଥା ଜାଣିବାକୁ ମିଳିଲା। ମଡେଲ ମିରର୍‌ରେ ସୁଜାତା ବେଶ୍ ସୁନ୍ଦରୀ ଲାଗୁଥିଲେ।

***- ଲିଜାଲିନ୍ ପଣ୍ଡା, କେନ୍ଦ୍ରାପଡ଼ା***

✲ ଭାରତର କେତେକ ପ୍ରମୁଖ ଚା' ବଗିଚା ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଟ୍ରେନ୍‌ର ଲାଲ ଓ ନୀଳ ରଙ୍ଗର କୋଚ୍ ଭିତରେ କ'ଣ ରହିଛି ଫରକ' ସେ ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ***- ରାହାସ ବିହାରୀ ମହାନ୍ତି, ଭଦ୍ରକ***

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ମଞ୍ଚ ମଣ୍ଡନ' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ହେବା ସହ ମଜାଦାର ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କଙ୍କାଳ ସହ ପିଇବେ କଫି', 'ଗୋଲ କିପର କୁକୁର', 'ଏତେ ବଡ଼ ଜିନ୍ସ' ଆଦି ପାଠ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା। ***- ରୁନୁ ବେହେରା, ଯାଜପୁର***




## ବିଶେଷ ଚିଠି

ଏଥରର ପ୍ରଚ୍ଛଦରେ ଥିଲା
ମରଣ ପରେ ବି ସାଥୀପଣ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା' ସାଙ୍ଗକୁ ଆହୁରି ଥିଲା
ସାଥୀ, ସିନେମା, ପ୍ରଥମ ରୋଜଗାର
ଭାରି ଭଲ ଥିଲା ପୁଣି ତୁମ ବ୍ୟାକ୍‌ପେଜ୍
ବିବିଧା ଓ ସହରଠୁ ଦୂର।
ସତରେ ଛୁଟିଦିନ
ତୁମେ ଧରିତ୍ରୀର ନିଆରା ଜହ୍ନ।
***- ଅନ୍ନପୂର୍ଣ୍ଣା ଚୌଧୁରୀ, ମାଲକାନଗିରି***

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଯାହାଙ୍କ ପାଇଁ ନାରୀ ପୁରୁଷ ସମାନ


ସତଚିତ୍ ପୁରାନିକ୍

ପିଲାଟିଦିନୁ ଝିଅଙ୍କ ପାଦରେ ବାନ୍ଧିଦିଆଯାଏ କଟକଣାର ଶୃଙ୍ଖଳ। ଏକୁଟିଆ କୁଆଡ଼େ ଯିବୁନି..। ବେଶି ରାତିଯାଏ ବାହାରେ ରହିବୁନି..। ଶରୀର ଘୋଡ଼େଇ ହେଉଥିବା ପୋଷାକ ପିନ୍ଧିବୁ.. ଏମିତି ଅନେକ କିଛି । ଆଉ ଯେବେ ସେ ବାହା ହୁଏ, ବଦଳିଯାଏ ତା'ର ଘର, ବଦଳେ ଠିକଣା, ପୁଣି ବଦଳେ ନାଁ ଓ ସାଙ୍ଗିଆ । କହିବାକୁ ଗଲେ ବଦଳିଯାଏ ତା'ର ପୂରା ପରିଚୟ। ରହେନା ନିଜସ୍ୱ କିଛି। କାହିଁ କେବେଠୁ ଏହିଭଳିଭାବେ ନାରୀ ଉପରେ ଲଦି ଦିଆଯାଇଛି ଅନେକ କଟକଣାର ବୋଝ ଓ ବାନ୍ଧି ଦିଆଯାଇଛି ତାକୁ ପ୍ରଥା ନାମକ ବେଡ଼ିରେ। ହେଲେ କେହି କେବେ ବୁଝିବାକୁ ଚେଷ୍ଟା କରିନି ସବୁଥିରେ ସାଲିସ୍ କରି ଜୀଇଁବା କେତେ କଷ୍ଟ ଦିଏ ସେମାନଙ୍କୁ। ତେବେ କେତେଜଣ ପୁରୁଷ କିନ୍ତୁ ହୃଦୟଙ୍ଗମ କରିପାରିଛନ୍ତି ଲିଙ୍ଗଗତ ଭେଦଭାବ କେତେ କଷ୍ଟ ଦିଏ ନାରୀଙ୍କୁ । ତେଣୁ ଏହି ଭେଦଭାବକୁ ଦୂରେଇ ସେମାନଙ୍କ ଅଧିକାର ଓ ସମ୍ମାନ ଫେରାଇବା ଲାଗି ସେମାନେ ବଢ଼େଇଛନ୍ତି ପାଦ...

**ପତ୍ନୀଙ୍କ ସାଙ୍ଗିଆ ଆପଣେଇଥିବା ସ୍ୱାମୀ :** ପିଲାଦିନେ ମୋ କୁନି ମସ୍ତିଷ୍କ ଭିତରେ ଅନେକ ପ୍ରଶ୍ନ ଘୂରି ବୁଲୁଥିଲା। ଯେମିତିକି ମୁଁ ମୋ ଜେଜେବାପା, ଜେଜେମା'ଙ୍କ ସହ କାହିଁକି ରହୁଛି? ମୋ ନାଁ ପଛରେ ବାପାଙ୍କ ସାଙ୍ଗିଆ କାହିଁକି ଯୋଡ଼ିହୋଇଛି? କାହିଁକି ଅନେକ ଅଙ୍କଲ ତାଙ୍କ ସ୍ତ୍ରୀଙ୍କୁ ବାହାରେ କାମ କରିବାକୁ ଛାଡୁନାହାନ୍ତି? ପରେ ଯେବେ ବଡ଼ ହେଲି ଅନୁଭବ କଲି କାହିଁ କେବେଠୁ ନାରୀର ପରିଚୟ ଓ ଭାଗ୍ୟ ସ୍ୱାମୀଙ୍କ ହାତରେ ବନ୍ଧାହୋଇ ରହିଆସିଛି। ସତେଯେମିତି ନାରୀର ନିଜସ୍ୱ ଇଚ୍ଛା, ନିଜସ୍ୱ ପରିଚୟ ବୋଲି କିଛିନାହିଁ। ଆଉ ଏଥିପାଇଁ କେଉଁଠି ନା କେଉଁଠି ଜାଣତରେ ହେଉ ଅବା ଅଜାଣତରେ ଆମେ ସମସ୍ତେ ଏଥିପାଇଁ ଦାୟୀ। ନିର୍ଦ୍ଦିଷ୍ଟ କାହାରିକୁ ଏଥିପାଇଁ ଦାୟୀ କରିହେବ ନାହିଁ। ଆଉ ଏହି ଧାରାରେ ପରିବର୍ତ୍ତନ ଆଣିବାର ଦାୟିତ୍ୱ ସମସ୍ତଙ୍କର ହେବା ଉଚିତ ବୋଲି ଅନୁଭବ କରିଥିଲେ ଅଭିଷେକ ମାଣ୍ଡେ ଭୋଟ୍।


ହିମାଂଶୁ ବର୍ମା

**ଯାହା କାହିଁ କେଉଁ କାଳରୁ ହେଇ ନ ଥିଲା। ତାହାକୁ କରି ଦେଖାଇଛନ୍ତି କେତେଜଣ ପୁରୁଷ। ପ୍ରଥା ପରମ୍ପରା ନାଁରେ ନାରୀର ସ୍ୱାଧୀନତା, ଅଧିକାରକୁ ଯେଉଁ ବେଡି ପକାଯାଇଥିଲା, ତାକୁ ସେମାନେ ଛିଣ୍ଡାଇଛନ୍ତି। ଆଉ ପ୍ରୟାସ କରିଛନ୍ତି ଲିଙ୍ଗଗତ ଭେଦଭାବ ଦୂରକରି ନାରୀକୁ ତା'ର ସମ୍ମାନ ଫେରାଇବେ..**

ଅଭିଷେକ ମାଣ୍ଡେ ମରାଠି ଓ ତାଙ୍କ ପତ୍ନୀ କର୍ମିନ ଭୋଟ୍ ପାର୍ସି। କର୍ମିନ ଦକ୍ଷିଣ ମୁମ୍ବାଇରେ ଆମେରିକୀୟ ଓ ବ୍ରିଟିଶ ପପ୍ କଲ୍ଚରରେ ବଢ଼ିଛନ୍ତି। ଆଉ ଅଭିଷେକ ମହାରାଷ୍ଟ୍ରର ଏକ ମଧ୍ୟବିତ୍ତ ମରାଠୀ ପରିବାରେ ବଢ଼ିଛନ୍ତି। କର୍ମିନ, ଅଭିଷେକଙ୍କଠାରୁ ବୟସରେ ବଡ଼ ହେବାସହ ତାଙ୍କଠାରୁ ଅଧିକ ରୋଜଗାର ବି କରନ୍ତି। ଏତେସବୁ ଭିନ୍ନତା ଭିତରେ ବି ଦୁହିଙ୍କର ମାନସିକତା, ଚିନ୍ତାଧାରା ଏକାପ୍ରକାରର ଥିଲା। ତେଣୁ ଦୁହେଁ ଏକାଠି ସଂସାର କଲେ। ବିବାହ ପରେ ହନିମୁନ୍‌ରୁ ଫେରିବା ପରେ ଅଭିଷେକ ନିଜର ଏକ ଅଜବ ନିଷ୍ପତ୍ତି ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ତାହା ଥିଲା ନିଜ ସାଙ୍ଗିଆରେ ପତ୍ନୀଙ୍କ ସାଙ୍ଗିଆକୁ ମିଶାଇବା। ଅଭିଷେକ ଭାବୁଥିଲେ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିବେ ନାହିଁ। ହେଲେ ଅଭିଷେକଙ୍କ ବାପା ଖୁବ୍ ସହଜଭାବେ ଏହି ପ୍ରସ୍ତାବ ଉପରେ ସହମତି ଜଣାଇଥିଲେ। ଅଭିଷେକ ଓ ତାଙ୍କ ପରିବାର ଲୋକେ ଲିଙ୍ଗଗତ ଭେଦଭାବକୁ ପସନ୍ଦ କରନ୍ତି ନାହିଁ, ନାରୀଙ୍କୁ ସମାନ ଅଧିକାର ମିଳୁ ବୋଲି ଚାହାନ୍ତି। ତେଣୁ ଏଭଳି ପ୍ରସ୍ତାବ ଉପରେ ସେମାନେ ଆଦୌ ବିରୋଧ କରି ନ ଥିଲେ। କର୍ମିନ କୁହନ୍ତି, 'ଅଭିଷେକ ଛୋଟବେଳୁ ହିଁ ନାରୀ ଅଧିକାର ଉପରେ ଭଲ ଶିକ୍ଷା ପାଇଛନ୍ତି। ତା'ସହ ସେ କିଛି ଷ୍ଟ୍ରଙ୍ଗ୍ ମହିଳାଙ୍କ ଭିତରେ ବଢିଛନ୍ତି। ତେଣୁ ମୁଁ ତାଙ୍କଠାରୁ ବୟସରେ ବଡ଼ ହେବା ଓ ତାଙ୍କଠୁ ଅଧିକ ରୋଜଗାର କରୁଥିବା କଥାକୁ ସେ ସହଜରେ ଗ୍ରହଣ କରିନେଇଥିଲେ। ଏମିତିକି ନାରୀ ଅଧିକାରକୁ ସମ୍ମାନ ଜଣାଇ ସମାଜରେ ପରିବର୍ତ୍ତନ ଆଣିବା ଲାଗି ମୋ ସାଙ୍ଗିଆକୁ ତାଙ୍କ ନାମ ସହ ଯୋଡ଼ିଥିଲେ, ଯାହାକି ପୂର୍ବରୁ କେବେ କେଉଁଠି ଘଟିନାହିଁ। ଏଭଳି କଲାବେଳେ ସେ ଆଦୌ ଭାବି ନ ଥିଲେ ସମାଜ କ'ଣ କହିବ ବୋଲି। କାରଣ ତାଙ୍କ ଚିନ୍ତାଧାରା ହେଉଛି କାହାକୁ ତ ପ୍ରଥମେ ପଦକ୍ଷେପ ନେବାକୁ ହେବ ପରିବର୍ତ୍ତନ ପାଇଁ। ତେବେ ସେଇ ବ୍ୟକ୍ତିଜଣକ ସେ କାହିଁକି ନ ହେବେ।'


ସତଚିତ୍ ପୁରାନିକ୍

**ନାରୀଙ୍କ ବିନ୍ଦାସ୍ ବୁଲିବାର ଅଧିକାର ପାଇଁ ସ୍କର୍ଟ ପିନ୍ଧିଲେ ସତଚିତ୍ ପୁରାନିକ:** ଭଲ ଘରର ଝିଅମାନେ ଅଧାରାତିରେ ବାହାରେ ବୁଲନ୍ତି ନାହିଁ। ସନ୍ଧ୍ୟା ହେଉ ହେଉ ଘରେ ପହଞ୍ଚନ୍ତି। ଏଇ କଥା ସବୁଘରେ ଝିଅମାନଙ୍କୁ କୁହାଯାଇଥାଏ। ଯଦିଓ ଏହି ଧାରା କେବେଠୁ ଚାଲିଆସିଛି ତାହା ଜଣାନାହିଁ। ହେଲେ ନାରୀଙ୍କର ସ୍ୱାଧୀନଭାବେ ଯେକୌଣସି ସମୟରେ ବାହାରେ ରହିବାର ଅଧିକାର ଏ ସମାଜ ଛଡ଼ାଇନେଇଛି ଏହା ସତ। ମହିଳାଙ୍କର ଏହି ସମସ୍ୟାକୁ ନଜରରେ ରଖିବା ସହ ଶିଳ୍ପା ଫାଡକେଙ୍କ ବହି 'ହ୍ୱାଏ ଲଏଟର୍?'ରୁ ପ୍ରେରଣା ପାଇ ନେହା ସିଂ ଓ ଦେବିନା କପୁର ୨୦୧୩ରେ ନାରୀଙ୍କର ସାର୍ବଜନୀନ ସ୍ଥାନରେ ଖୋଲାଖୋଲି ଭାବେ ବୁଲିବାର ଅଧିକାର ପାଇଁ ଏକ ଇଭେଣ୍ଟ ଅର୍ଗାନାଇଜ୍ କରିଥିଲେ। ଏହି ଇଭେଣ୍ଟଟି ଫିଲ୍ମ ଓ ଥିଏଟର ମେକର୍ ସତଚିତ୍ ପୁରାନିକ୍‌ଙ୍କୁ ବହୁତ ଭଲ ଲାଗିଥିଲା ଓ ସେଥିରେ ସେ ଅଂଶଗ୍ରହଣ କରିବାକୁ ଚାହିଁଥିଲେ। କିନ୍ତୁ ତାଙ୍କୁ କୁହାଯାଇଥିଲା ଏହି ଇଭେଣ୍ଟ କେବଳ ମହିଳାଙ୍କର। ଏହାର ଜବାବରେ ପୁରାନିକ୍ କହିଥିଲେ– ଯଦି ମୁଁ ମହିଳାଙ୍କ ପୋଷାକରେ ଆସେ ତେବେ?
ଏହାପରେ ହିଁ 'ୱାକ୍ ଲାଇକ୍ ଏ ଓମେନ' ଇଭେଣ୍ଟ ଆରମ୍ଭ ହେଲା, ଯେଉଁଥିରେ ପୁରାନିକ୍‌ଙ୍କ ସହ ୨୦ ଜଣ ପୁରୁଷ ନାରୀଙ୍କ ପୋଷାକ ଯେମିତିକି ସ୍କର୍ଟ ଟପ୍ସ, ସାଲୱାର, ଲଙ୍ଗ ଫ୍ରକ୍ ଆଦି ପିନ୍ଧି ପୃଥିବୀ ଥିଏଟରରୁ ଜୁହୁ ବିଚ୍ ଯାଏ ଚାଲିଥିଲେ। ଯାହା ସେତେବେଳେ ବେଶ୍ ଚର୍ଚ୍ଚାରେ ରହିଥିଲା। ୨୦୧୬ରେ ପୁରାନିକ୍ ଏହି ସମସ୍ୟାକୁ ନେଇ ଡକ୍ୟୁମେଣ୍ଟାରି ଷ୍ଟାଇଲ ପ୍ଲେ ବି କରିଥିଲେ। ଉକ୍ତ ପ୍ଲେ କରିବାର ଉଦ୍ଦେଶ୍ୟ ଥିଲା ପୁରୁଷଙ୍କୁ ମହିଳାଙ୍କ ସମସ୍ୟା ଉପରେ ସ୍ପର୍ଶକାତର କରାଇବା। ପୁରାନିକ୍‌ଙ୍କ ମତରେ ମହିଳାଙ୍କ ସମସ୍ୟା କେବଳ ମହିଳାଙ୍କର ନୁହେଁ। ଏହା ପୁରୁଷ ଓ ଅନ୍ୟମାନଙ୍କୁ ବି ପ୍ରଭାବିତ କରେ। ତେଣୁ ମହିଳାଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେବା ଜରୁରୀ।


ପୁଷ୍ପକ ସେନ୍

**ଋତୁସ୍ରାବଜନିତ ଅନ୍ଧବିଶ୍ୱାସ ଦୂର କରିବା ଚେଷ୍ଟାରେ ପ୍ରବୀଣ କୁମାର:** ମୁମ୍ବାଇର ପ୍ରବୀଣ କୁମାର ଛାତ୍ର ଥିବାବେଳେ ଥରେ ନିଜ ସାଙ୍ଗସାଥୀଙ୍କ ସହ ଆସାମର ଶୁକଲାଇ ଯାଇଥାନ୍ତି। →

ଉଦ୍ଦେଶ୍ୟ ଥାଏ ଆସାମର ଗ୍ରାମାଞ୍ଚଳରେ ଲୋକେ କ'ଣ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଅଧ୍ୟୟନ କରିବା ଓ ସେଠାକାର ଲୋକଙ୍କ ସହ ମିଶିବା। ଏହି ସମୟରେ ତାଙ୍କର ଏକ ଝିଅ ସହ ଦେଖାହୋଇଥିଲା, ଯାହାର ନାଁ ଥିଲା ରୋଶନୀ। କଥାବାର୍ତ୍ତା ଭିତରେ ସେ ତାଙ୍କୁ କହିଲା, ମୁଁ ଏଇ କିଛିଦିନ ତଳେ ସ୍କୁଲ ଛାଡ଼ିବାକୁ ବାଧ ହେଇଛି। କାରଣ ଭଗବାନ ମତେ ଅଭିଶାପ ଦେଲେ। ଏହା ଶୁଣି ସେ ଚକିତ ହୋଇଯାଇଥିଲେ। ପ୍ରକୃତ ଘଟଣା କ'ଣ ଜାଣିବା ଲାଗି ସେ ରୋଶନୀର ବାପାଙ୍କ ସହ ଦେଖା କରିଥିଲେ। ଆଉ ଜାଣିବାକୁ ପାଇଲେ ଯେ, ତାଙ୍କ ଗାଁରେ ପ୍ରଥା ରହିଛି ଯେଉଁ ଝିଅମାନେ ରତୁସ୍ରବା ହୁଅନ୍ତି ସେମାନଙ୍କୁ ଆଉ ସ୍କୁଲକୁ ପଠାଯାଏ ନାହିଁ। ଅର୍ଥାତ୍ ସେଇଠୁ ପାଠପଢ଼ାରେ ଡୋରି ବନ୍ଧାଯାଏ। ଏହାପରେ ସେ ବିଭିନ୍ନ ସର୍ଭେ ରିପୋର୍ଟ ଦେଖି ଜାଣିବାକୁ ପାଇଲେ ଯେ, ଭାରତରେ ପ୍ରାୟ ୨୩ ମିଲିୟନ ଝିଅ ପ୍ରଥମ ରତୁସ୍ରାବ ପରେ ପାଠପଢ଼ା ଛାଡ଼ିବାକୁ ବାଧ ହୋଇଛନ୍ତି। ଯାହାକି ଜାତୀୟ ଅର୍ଥନୀତି ଉପରେ ବି ପ୍ରଭାବ ପକାଏ। ଏକଥା ଜାଣିବା ପରେ ପ୍ରବୀଣ ଲୋକଙ୍କ ମନରେ ବସା ବାନ୍ଧିଥିବା ଅନ୍ଧ ବିଶ୍ୱାସକୁ ଦୂରକରି ଝିଅ ଓ ମହିଳାମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବା ଲାଗି ଅଣ୍ଟା ଭିଡ଼ିଲେ। ଆଉ ପୁନେ ଫେରିବା ପରେ ସେ ପୁନେର ଏକ ସରକାରୀ ଅନୁଷ୍ଠାନରେ ଫର୍ମାଲ ଜେଣ୍ଡର, ସେକ୍ସୁଆଲିଟି ଆଣ୍ଡ ମେନଷ୍ଟ୍ରୁଆଲ ହାଇଜିନ ଟ୍ରେନିଂ ସେସନ୍‌ରେ ତାଲିମ ନେଲେ। ଏହାପରେ ସେ ଆରମ୍ଭକଲେ 'ରୋଶନୀ ଫାଉଣ୍ଡେଶନ'। ପ୍ରଥମେ ତ ସେ ବିଦ୍ୟାଳୟର ବାଳିକାଙ୍କୁ ଲିଙ୍ଗଗତ ଶିକ୍ଷାଦେଲେ। ହେଲେ ହୃଦୟଙ୍ଗମ କଲେ ସେମାନଙ୍କ ଉପରେ ଏହାର ପ୍ରଭାବ ଅଧିକମାତ୍ରାରେ ପକାଇବା ଲାଗି ବାଳିକାମାନଙ୍କ ଅପେକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିକଟରେ ପହଞ୍ଚିବାକୁ ହେବ। ହେଲେ ଏଥିପାଇଁ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା। ସେଥିମଧ୍ୟରୁ ପ୍ରମୁଖ ସମସ୍ୟା ଥିଲା ରତୁସ୍ରାବ ଉପରେ ସମସ୍ତଙ୍କ ନୀରବତା। ଅର୍ଥାତ୍ କେହି ବି ଏ ସମ୍ପର୍କରେ ଖୋଲି କି କଥାହେବାକୁ ରାଜି ନ ଥିଲେ। ଖାସ୍‌କରି ପୁରୁଷମାନେ ଏ ସମ୍ପର୍କରେ କିଛି କହିବାକୁ ରାଜି ନ ଥିଲେ। ସେମାନଙ୍କ ମତରେ ଏହା ମହିଳାଙ୍କ ବ୍ୟକ୍ତିଗତ କଥା। ଯଦିଓ କିଛି ଶିକ୍ଷକ ପ୍ରବୀଣଙ୍କ ପଦକ୍ଷେପକୁ ସ୍ୱାଗତ କରୁଥିଲେ ହେଲେ କାଳେ ସେମାନେ ତାଙ୍କ ସହ ହାତ ମିଶାଇଲେ ସ୍କୁଲ ବନ୍ଦ ହେଇଯିବ, କାଳେ ସେମାନଙ୍କୁ ଗାଁ ଓ ସ୍କୁଲରୁ ବାହାର କରିଦିଆଯିବ ସେଥିପାଇଁ ଭୟ କରୁଥିଲେ। ତେବେ ସୌଭାଗ୍ୟକୁ ପ୍ରବୀଣ କେତେଜଣ ଭଲ ପାର୍ଟନର ପାଇଲେ। ଆଉ ଧୀରେ ଧୀରେ ସେମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଇବା ଓ ଏହି କାମରେ ସାମିଲ କରିବାରେ ସଫଳ ହେଲେ। ଏହାପରେ ସେମାନଙ୍କୁ ଲିଙ୍ଗଗତ ଭେଦଭାବ ଦୂର କରିବା, ରତୁସ୍ରାବ ସମୟରେ ଝିଅମାନେ କିଭଳି ହାଇଜିନ ପ୍ରତି ସଚେତନ ହେବେ ସେନେଇ ତାଲିମ ଦିଆଗଲା। ସେମାନେ ବିଦ୍ୟାଳୟରେ ବାଳିକାମାନଙ୍କୁ ସେ ସମ୍ପର୍କରେ ବୁଝାଇଲେ। ସେମାନଙ୍କ ପରିବାର ସଦସ୍ୟଙ୍କୁ ବି ବୁଝାଇଲେ। ବହୁଦିନର ପ୍ରଥାକୁ ବଦଳାଇବା ଆଦୌ ସହଜ କଥା ନ ଥିଲା। ଲୋକଙ୍କ ମନରେ ରତୁସ୍ରାବକୁ ନେଇ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସେମାନଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ତଥାପି ସେମାନେ ଅନେକାଂଶରେ ସଫଳ ହେଲେ। ପରବର୍ତ୍ତୀ ସମୟରେ ସେମାନେ ୮୦୦ ଶିକ୍ଷକଙ୍କୁ ତାଲିମ ଦେଇ ୮୦୦୦ ଝିଅଙ୍କ ଜୀବନ ବଦଳାଇଥିଲେ। ତା'ସହ ମହିଳାମାନଙ୍କୁ ବି ଏନେଇ ସଚେତନ କରାଇବାରେ ସଫଳ ହେଲେ।



ପ୍ରବୀଣ କୁମାର

**ପୋଷାକରେ ନାହିଁ ଲିଙ୍ଗଗତ ଭେଦ:** କାହିଁ କେବେଠୁ ନାରୀ ଓ ପୁରୁଷର ପରିଧାନ ଭିନ୍ନ ଭିନ୍ନ ହୋଇ ଆସିଛି। ପୁରୁଷ ଯାହା ପିନ୍ଧେ ନାରୀ ତାହା ପିନ୍ଧିପାରିବ ନାହିଁ କି ନାରୀ ପିନ୍ଧୁଥିବା ପରିଧାନ ପୁରୁଷ ପିନ୍ଧିପାରିବ ନାହିଁ ବୋଲି ସମାଜରେ କଟକଣା ରହିଆସିଛି। କିନ୍ତୁ ଭାରତର ଶାଢ଼ିମ୍ୟାନ୍ ଭାବେ ବେଶ୍ ପରିଚିତ ଦିଲ୍ଲୀର ହିମାଂଶୁ ବର୍ମା ଏହି ଚିନ୍ତାଧାରାର ବହୁ ଊର୍ଦ୍ଧ୍ୱରେ। ତାଙ୍କ ମତରେ ପୋଷାକ କୌଣସି ଲିଙ୍ଗ ସହ ଜଡ଼ିତ ନୁହେଁ। ଶରୀର ଘୋଡ଼ାଇବାର ଏକ ବସ୍ତୁ। ତେବେ ଶାଢି କାହିଁକି କେବଳ ନାରୀଙ୍କର ଓ ଶାର୍ଟ ପ୍ୟାଣ୍ଟ କେବଳ ପୁରୁଷଙ୍କ ପୋଷାକ ହେବ? ଏଇ ଚିନ୍ତାଧାରା ନେଇ ସେ ଭାରତୀୟ ସଂସ୍କୃତି ସହ ଜଡ଼ିତ ପରିଧାନ ଶାଢ଼ିକୁ ଦୀର୍ଘ ୧୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପିନ୍ଧିଆସୁଛନ୍ତି। ଚେହେରାରେ ନିଶ ଦାଢ଼ି ସାଙ୍ଗକୁ ଶରୀରରେ ସୁନ୍ଦରଭାବେ ପିନ୍ଧାଯାଇଥିବା ଶାଢି ତାଙ୍କୁ ଦିଏ ଏକ ଭିନ୍ନ ପରିଚୟ। ଶାଢି ପିନ୍ଧିବାର ତାଙ୍କର ଆଉ ଏକ ଉଦ୍ଦେଶ୍ୟ ହେଉଛି ସାରା ପୃଥିବୀରେ ଭାରତର ଏହି ସୁନ୍ଦର ପରିଧାନକୁ ଲୋକପ୍ରିୟ କରାଇବା। ଏଇ ଶାଢି ସହ ତାଙ୍କର ସମ୍ପର୍କ ଖୁବ୍ ପୁରୁଣା। ସେ ପ୍ରଥମେ ଯେବେ ଶାଢ଼ି ପିନ୍ଧିଥିଲେ ତାହା ଥିଲା ନିଜ ମା'ଙ୍କ ଶାଢ଼ି। ଏଥିରେ ତାଙ୍କ ମା'ବାପାଙ୍କର ବି କିଛି ସମସ୍ୟା ନ ଥିଲା। ହିମାଂଶୁଙ୍କ ବାପା ଜଣେ ବ୍ୟବସାୟୀ ଓ ମା' ବ୍ୟାଙ୍କ କର୍ମଚାରୀ। ହିମାଂଶୁ କୁହନ୍ତି, 'ଶାଢ଼ି ଓ ଧୋତି ଉଭୟକୁ କୁଞ୍ଚକରି ପିନ୍ଧାଯାଏ। ତେଣୁ ଏ ଦୁଇ ପରିଧାନ ଭିତରେ ବିଶେଷ କିଛି ଫରକ ଥିବା ମତେ ଲାଗେନା। ସେଥିପାଇଁ ମୁଁ ଶାଢ଼ି ପିନ୍ଧିବା ଆରମ୍ଭକଲି। ଲୋକେ ଦେଖି ଯଦିଓ ହସନ୍ତି ମୋତେ କିଛି ଫରକ ପଡ଼େନା। କାହିଁକି ନା ଶାଢ଼ି ମୋତେ ଖୁସି ଦିଏ। ପ୍ରଥମେ ତ ମୁଁ ଚମକ୍‌ଦାର ଶାଢି ପିନ୍ଧୁଥିଲି। ହେଲେ ବୟସ ହେବା ସହ କଟନ, ଲିନେନ୍ ଭଳି ଶାଢି ବେଶି ପିନ୍ଧୁଛି। ଏହାବାଦ୍ ମୁଁ ପ୍ରତିବର୍ଷ ଦିଲ୍ଲୀରେ ଶାଢି ଫେଷ୍ଟିଭାଲର ବି ଆୟୋଜନ କରେ। ଏବେ ମୁମ୍ବାଇ, ବେଙ୍ଗାଲୁରୁ ଓ ଚେନ୍ନାଇରେ ବି ଶାଢି ଫେଷ୍ଟିଭାଲ କରୁଛି।' ହିମାଂଶୁ 'ରେଡ ଅର୍ଥ' ନାମକ ସଂସ୍ଥାର ପ୍ରତିଷ୍ଠାତା ଅଟନ୍ତି। ଏହି ସଂସ୍ଥା ଭାରତୀୟ ସୌନ୍ଦର୍ଯ୍ୟ ସହ ଜଡ଼ିତ ଜିନିଷ ଉପରେ କାମ କରେ ଓ ତା'ର ପ୍ରଦର୍ଶନୀ ବି କରେ। ହିମାଂଶୁ ପ୍ରାୟତଃ ଶାଢି ପିନ୍ଧନ୍ତି। ଜିନ୍ସ ଓ ଟି-ଶର୍ଟ ବହୁତ କମ୍ ପିନ୍ଧନ୍ତି। ଶାଢି ବ୍ୟତୀତ କୁର୍ତ୍ତା ପାଇଜାମା ବି ପିନ୍ଧନ୍ତି। ତେବେ ହିମାଂଶୁ ଏଯାଏ ବିବାହ କରିନାହାନ୍ତି।



ଅଭିଷେକ ମାଣ୍ଡେ ଭୋଟ୍- କର୍ମିନ ଭୋଟ୍

କେବଳ ହିମାଂଶୁ ନୁହନ୍ତି, ଆଜିକାଲି କେତେଜଣ ପ୍ରସିଦ୍ଧ ଫ୍ୟାଶନ ଇନ୍‌ଫ୍ଲୁଏନ୍ସର ମଧ୍ୟ ଶାଢି ପିନ୍ଧି ବେଶ୍ ଷ୍ଟାଇଲିଶ୍ ଓ ଗ୍ଲାମର୍ସ ଲୁକ୍‌ରେ ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି। ଏଇ ଯେମିତି କଲିକତାର ୨୯ ବର୍ଷୀୟ ଫ୍ୟାଶନ ଇନ୍‌ଫ୍ଲୁଏନ୍ସର ପୁଷ୍ପକ ସେନ୍‌ଙ୍କ ଶାଢି ଲୁକ୍ କେବଳ ଦେଶରେ ନୁହେଁ, ବିଦେଶରେ ବି ପସନ୍ଦ କରାଯାଉଛି। ପୋଷାକ ପରିଧାନରେ ଲିଙ୍ଗଗତ ଭେଦଭାବ ଦୂର କରିବା ଲାଗି ହିଁ ସେ ନିଜେ ଶାଢି ପିନ୍ଧିବା ଆରମ୍ଭ କରିଥିଲେ। ଇଟାଲୀରେ ଫ୍ୟାଶନ ମାର୍କେଟିଂ ଓ କମୁନିକେଶନ୍ ପଢ଼ିବାବେଳେ ସେ ପ୍ରଥମକରି କୋଟ ସହ ସବୁଜ କଳା ରଙ୍ଗର ଶାଢି ପିନ୍ଧିବା ସହିତ କପାଳରେ ଲାଲ୍ ବିନ୍ଦି ଓ ମେକ୍‌ଅପ୍ ହୋଇ ସେ ମିଲନ୍‌ର ଗଳିରେ ବୁଲିଥିଲେ। ଫଳରେ ସେ ସମସ୍ତଙ୍କ ନଜରକୁ ଆସିଥିଲେ। ତାଙ୍କ ମତରେ ଏଭଳି କରି ସେ ନିଜ ଦେଶର ପରିଧାନକୁ ବିଦେଶରେ ଲୋକପ୍ରିୟ କରାଇବା ସହ ପୋଷାକ କ୍ଷେତ୍ରରେ ଲିଙ୍ଗଗତ ଭେଦଭାବକୁ ଦୂର କରିବାକୁ ପ୍ରୟାସ କରୁଛନ୍ତି।

**ନାରୀମାନେ କରୁଥିବା କୋଲମ୍ ଏବେ କରୁଛନ୍ତି ଦୁଇ ଭାଇ:** ଦକ୍ଷିଣ ଭାରତରେ ମହିଳାମାନେ ବଢ଼ିଭୋରୁ ଉଠି ଘର ବାହାରେ ଅରୁଆ ଚାଉଳ ଗୁଣ୍ଡରେ ଡଟ୍ ଓ ଅଙ୍କାବଙ୍କା ଗାର ଆଙ୍କି କୋଲମ୍ ପ୍ରସ୍ତୁତ କରନ୍ତି। ବିଶ୍ୱାସ ଅଛି କୋଲମ କଲେ ଘରକୁ ସୌଭାଗ୍ୟ ଆସେ। କାହିଁ କେବେଠାରୁ ଘରର ମହିଳାମାନେ କୋଲମ୍ କରିବା ପ୍ରଥା ରହିଆସିଛି। ଏହା ପୁରୁଷଙ୍କ କାମ ନୁହେଁ। ହେଲେ ଚେନ୍ନାଇ, ଥିରୁଭୋତିୟୁରର ଦୁଇ ଭାଇ ରବିଶଙ୍କର ଭିଏମ୍, ସୂର୍ଯ୍ୟା ଭିଏମ୍ ନିଜେ କୋଲମ କରି ବହୁ ପୁରାତନ ଏହି ପ୍ରଥାରେ ପରିବର୍ତ୍ତନ ଆଣିଛନ୍ତି। ସେମାନଙ୍କ ମତରେ କୋଲମ ଏକ କଳା। ଆଉ କଳାକ୍ଷେତ୍ରରେ ଲିଙ୍ଗଗତ ଭେଦଭାବ ରହିବା ଠିକ୍ ନୁହେଁ। ସୂର୍ଯ୍ୟା କୁହନ୍ତି, 'ପିଲାଟିଦିନରୁ ଆମେ ଦେଖିଆସିଛୁ ଘରର ମହିଳାମାନେ ଭୋରୁ ଉଠି କୋଲମ୍ କରନ୍ତି। ମାର୍ଗଶିର ମାସରେ ତ ବହୁତ ବଡ଼ ବଡ଼ ଓ ରଙ୍ଗିନ କୋଲମ୍ କରାଯାଏ। ସକାଳୁ ଉଠି ସେଗୁଡିକ ଦେଖିଲେ ଭାରି ଖୁସି ଲାଗେ। ଆମେ ଭାବୁଥିଲୁ ଏତେ ଭୋର୍‌ରୁ ଉଠି ମା' ହିଁ କାହିଁକି ଏତେ ପରିଶ୍ରମ କରି କୋଲମ କରିବେ। ତେଣୁ ଭବିଲୁ ମା'କୁ ସାହାଯ୍ୟ କରିବୁ। ସେଥିପାଇଁ ଆମେ ପ୍ରଥମେ କାଗଜ କଲମରେ କୋଲମ କରିବାକୁ ଚେଷ୍ଟା କରିଥିଲୁ। ନବମ ଶ୍ରେଣୀରେ ପଢ଼ିବାବେଳକୁ ଦୁହେଁ ସକାଳୁ ଉଠି ମା'ଙ୍କୁ କୋଲମ କରିବାରେ ସାହାଯ୍ୟ କଲୁ। ସତ କହିବାକୁ ଗଲେ କୋଲମ କରିବା ଆଦୌ ସହଜ ନୁହେଁ। ଏଥିରେ କରାଯାଉଥିବା ଅଙ୍କାବଙ୍କା ରେଖାକୁ କରିବା କଷ୍ଟକର। ଲକ୍‌ଡାଉନ୍ ସମୟରେ ଅଧିକ ଅବସର ସମୟ ମିଳିବାରୁ ଏହି କଳାରେ ଆମେ ଦକ୍ଷ ହୋଇଗଲୁ। ଆଉ ଘର ଭିତର ଓ ବାହାରକୁ କୋଲମରେ ସଜାଇବା ଆରମ୍ଭକଲୁ। ଏହାପରେ ବଡ଼ ବଡ଼ କୋଲମ କରି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କଲୁ।' ବର୍ତ୍ତମାନ ଏହି ଦୁଇଭାଇ ମଡର୍ନ କନ୍‌ସେପ୍ଟରେ ଏହି ପାରମ୍ପରିକ କଳା କରି ସାରା ଭାରତରେ ବେଶ୍ ପରିଚିତ।

ବର୍ଷବର୍ଷ ଧରି ପ୍ରଥା, ପରମ୍ପରାର ବେଡିରେ ବାନ୍ଧି ହୋଇ ତଥା ଲିଙ୍ଗଗତ ଭେଦଭାବର ଶିକାର ହୋଇ କଷ୍ଟ ପାଇ ଆସୁଥିବା ନାରୀର ହୃଦୟର ବ୍ୟଥାକୁ ବୁଝିପାରିଛନ୍ତି ଏହିଭଳି କେତେଜଣ ପୁରୁଷ। ଯଦି ସବୁ ପୁରୁଷ ନାରୀଙ୍କୁ ସମ୍ମାନ ଦେବା ସହ ତା'ର ଅଧିକାର କଥା ଚିନ୍ତା କରନ୍ତେ ତେବେ ନିଶ୍ଚିତଭାବେ ଏକ ସୁନ୍ଦର ସମାଜ ଗଢି ଉଠନ୍ତା। ଆଉ ଗର୍ବରେ କହି ହୁଅନ୍ତା ନାରୀର ସଫଳତା ପଛରେ ପୁରୁଷର ହାତ ଅଛି ବୋଲି।

–ଶିବାନୀ ମହାନ୍ତି





ମା'ଙ୍କ ସହ ରବିଶଙ୍କର ଭିଏମ୍, ସୂର୍ଯ୍ୟା ଭିଏମ୍

# ସୁରୋଂ କା ଷ୍ଟ୍ରାଇକର୍





**ସୋ**ନି ଏଣ୍ଟରଟେନ୍‌ମେଣ୍ଟ ଟେଲିଭିଜନରେ ପ୍ରସାରିତ ହେଉଥିବା ଲୋକପ୍ରିୟ ସିଙ୍ଗିଙ୍ଗ୍ ରିଆଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ୍'ର ସିଜନ୍ ୧୫ରେ ଭାଗନେଇ ଯେଉଁ ଓଡ଼ିଆ ପୁଅ ଏବେ ଘରେ ଘରେ ପରିଚିତ ସେ ହେଲେ **ଇପ୍ସିତ ପତି**। ଘର ତାଙ୍କର ଭୁବନେଶ୍ୱରର ଶହୀଦ ନଗରରେ। ମା' ବିଷ୍ଣୁପ୍ରିୟା ପତି ଜଣେ ଗୃହିଣୀ ଓ ବାପା ଲିଙ୍ଗରାଜ ପତି ଜଣେ ପ୍ରାଇଭେଟ୍ କମ୍ପାନୀର କର୍ମଚାରୀ। ଇପ୍ସିତ ହେଉଛନ୍ତି ମା'ବାପାଙ୍କର ଏକମାତ୍ର ସନ୍ତାନ। ଇପ୍ସିତଙ୍କ ମା'ଙ୍କର ଗୀତ ପ୍ରତି ରହିଛି ଖୁବ୍ ଶ୍ରଦ୍ଧା। କିନ୍ତୁ ଉପଯୁକ୍ତ ସୁଯୋଗ ନ ମିଳିବାରୁ ସେ ଗୀତ କ୍ଷେତ୍ରରେ ସେମିତି କିଛି ଆଗେଇ ପାରିଲେନି। ହେଲେ ପୁଅ ଜନ୍ମ ହେବା ପରେ ତାକୁ ଗୀତ ଶିଖାଇବା ପାଇଁ ସେ ମନେମନେ ସ୍ଥିର କରିଥିଲେ। ଇପ୍ସିତ ପିଲାଦିନେ ଖାଇବାକୁ ଭାରି ଅଝଟ କରୁଥିଲେ। କିନ୍ତୁ ଗୀତ ଶୁଣାଇଦେଲେ ସେ ସୁନାପିଲା ଭଳି ବସି ଖାଉଥିଲେ। ଏହି କଥାକୁ ଲକ୍ଷ୍ୟ କରି ଇପ୍ସିତଙ୍କୁ ଯେତେବେଳେ ୪ ବର୍ଷ ହେଲା ତାଙ୍କ ମା' ତାଙ୍କୁ ନେଇ ସଙ୍ଗୀତ ଗୁରୁ ଶ୍ରୀ ବାଳକୃଷ୍ଣ ବେହେରାଙ୍କ ଗୀତ କ୍ଲାସ୍‌କୁ ଗଲେ। କିନ୍ତୁ ଗୁରୁ କହିଲେ, ଏତେ ଛୋଟ ପିଲାଙ୍କୁ କାହିଁକି ଆଣିଛ, ସେ କ'ଣ ଶିଖିପାରିବ। ଏକଥା ଶୁଣି ଇପ୍ସିତଙ୍କ ମା' କହିଲେ, 'ସାର୍ ସେ କିଛି ନ ଶିଖୁ, କେବଳ ଆପଣଙ୍କ ପାଖେ ଗୀତ କ୍ଲାସ୍‌ରେ ବସୁ।' ଏମିତି ପ୍ରାୟ ଦେଢ଼ ବର୍ଷ ଗଲାପରେ ଇପ୍ସିତ ଧୀରେ ଧୀରେ ଗାଇବା ଆରମ୍ଭ କଲେ। ବାସ୍ ସେବେଠାରୁ ତାଙ୍କ ସଙ୍ଗୀତର ଯାତ୍ରା ଆରମ୍ଭ ହୋଇ ଏବେ ଆସି ଇଣ୍ଡିଆନ୍ ଆଇଡଲ୍‌ରେ ପହଞ୍ଚିଛି। ଇପ୍ସିତ ମ୍ୟୁଜିକ୍‌ରେ ବିଶାରଦ ବି କରିଛନ୍ତି।

ତେବେ ଇଣ୍ଡିଆନ୍ ଆଇଡଲ୍ ପୂର୍ବରୁ ଇପ୍ସିତ ଆହୁରି କେତୋଟି ସଙ୍ଗୀତ ରିଆଲିଟି ଶୋ'ରେ ଭାଗ ନେଇ ଶ୍ରୋତାଙ୍କ ମନ ଜିଣିଥିଲେ। ଯେମିତିକି ଏମ୍‌ବିସି ଟିଭିର ସିଙ୍ଗିଙ୍ଗ୍ ସୁପରଷ୍ଟାର ଜୁନିୟର୍ (ସିଜନ୍ ୧)ରେ ତୃତୀୟ ସ୍ଥାନ, ଜି ଟିଭିର ସାରେଗାମାପା ଲିଟିଲ୍ ଚାମ୍ପ୍ସରେ ଶ୍ରେଷ୍ଠ ୪୦ଜଣଙ୍କ ଭିତରେ, ଜି ସାର୍ଥକର ସାରେଗାମାପା ଲିଟିଲ୍ ଚାମ୍ପ୍ସ (ସିଜନ୍ ୧)ରେ ପଞ୍ଚମ ସ୍ଥାନ, ଜି ସାର୍ଥକର ସାରେଗାମାପା (ସିନିୟର୍ କାଟେଗୋରି)(ସିଜନ୍ ୧)ରେ ତୃତୀୟ ସ୍ଥାନ, ତରଙ୍ଗର ଭଏସ୍ ଅଫ୍ ଓଡ଼ିଶା (ସିଜନ୍ ୫)ରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାର ସେ ଗୌରବ ଅର୍ଜନ କରିଥିଲେ। ଆଉ ଏବେ ସିଏ ଇଣ୍ଡିଆନ୍ ଆଇଡଲ୍‌ର ସିଜନ୍ ୧୫ରେ ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଇଣ୍ଡିଆନ ଆଇଡଲ୍‌ର ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଥିବା ଇପ୍ସିତ ଏବେ ଏମ୍‌ବିଏ ପଢୁଛନ୍ତି। ଭଲ ପାଠ ପଢ଼ିବା ସାଙ୍ଗକୁ ବାଇକ୍ ଚଲେଇବାରେ ବି ତାଙ୍କର ରହିଛି ଖୁବ୍ ଆଗ୍ରହ। ତା'ସହିତ ଜଣେ ବ୍ଲଗର୍ ଭାବେ ବି ଇପ୍ସିତଙ୍କର ରହିଛି ଭିନ୍ନ ଏକ ପରିଚୟ।

ତେବେ ଇଣ୍ଡିଆନ୍ ଆଇଡଲ୍‌ର ଏଯାବତ୍ ଯାତ୍ରା କିପରି ଥିଲା ସେ ସମ୍ପର୍କରେ ପଚାରିଲେ ଇପ୍ସିତ କୁହନ୍ତି, 'ଇଣ୍ଡିଆନ୍ ଆଇଡଲ୍ ପାଇଁ ପ୍ରଥମେ ଯେତେବେଳେ ଭୁବନେଶ୍ୱର ଅଡିଶନ୍ ହେଲା, ଟିକେ ନର୍ଭସ ଲାଗୁଥିଲା। କିନ୍ତୁ ସେଥିରେ ସିଲେକ୍ଟ ହେଲା ପରେ ମୋ ଭିତରେ ଆତ୍ମବିଶ୍ୱାସ ଆସିଥିଲା। ତା'ପରେ କୋଲକାତା ଅଡିଶନ୍‌ରେ ଭାଗ ନେଇ ସେଠି ସିଲେକ୍ଟ ହେଲା ପରେ ମୁମ୍ବାଇ ଅଡିଶନ୍ ପାଇଁ ମୋତେ ଡକାହେଲା। ବାଇକ୍ ଚଲେଇବାର ସଉକ ଥିବାରୁ ମୁଁ ମୋ ବାଇକ୍ ଯୋଗେ ମୁମ୍ବାଇ ବାହାରିଲି ଅଡିଶନ୍ ଦେବାକୁ। ଏହା ଥିଲା ମୋର ଓଡ଼ିଶା ବାହାରକୁ ପ୍ରଥମ ବାଇକ୍ ଜର୍ନି। ସାଙ୍ଗରେ ଇଣ୍ଡିଆନ୍ ଆଇଡଲ୍‌ର କିଛି ଟିମ୍ ବି ଥିଲେ ; ତେଣୁ ବାଟରେ କିଛି ଅସୁବିଧା ହେଲାନି। ମୁମ୍ବାଇରେ ପୁଣି ଥରେ ଦୁଇ ରାଉଣ୍ଡ ଅଡିଶନ୍ ହେଲା। ଦେଶର ବିଭିନ୍ନ ସ୍ଥାନରୁ ବଛାବଛା ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ପିଲା ଏହି ଅଡିଶନ୍ ଦେବାକୁ ଆସିଥିଲେ। ସେମାନଙ୍କ ଭିତରୁ ଯେଉଁ ଶ୍ରେଷ୍ଠ ୬୦ ଜଣଙ୍କୁ ବଛାଗଲା, ସେମାନେ ଗୋଲ୍ଡେନ କାର୍ଡର ଅଡିଶନ୍ ଦେବା ପାଇଁ ବିଶିଷ୍ଟ ସଙ୍ଗୀତକାର ବିଶାଲ ଦଦଲାନି, ରାପର୍ ବାଦ୍‌ଶାହ ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ସମ୍ମୁଖକୁ ଗଲେ ; ଯେଉଁ ସୌଭାଗ୍ୟ ମୋତେ ବି ମିଳିଥିଲା। ଏହି ରାଉଣ୍ଡରେ ମୁଁ 'କେସେ ହୁଆ..' ଗୀତଟି ଗାଇଥିଲି ; ଯାହାକୁ ଜଜେସ୍‌ମାନେ ଖୁବ୍ ପ୍ରଶଂସା କରିଥିଲେ। ଏପରିକି ଜଜେସ୍ ବାଦ୍‌ଶାହ ମୋତେ '**ସୁରୋଂ କା ଷ୍ଟ୍ରାଇକର୍**' ବୋଲି ବି କହିଥିଲେ। ଗୋଲ୍ଡେନ୍ କାର୍ଡ ପାଇ ଶ୍ରେଷ୍ଠ ୩୦ଜଣଙ୍କ ମଧ୍ୟରେ ରହିବା ପରେ ପୁଣି ପ୍ଲାଟିନମ୍ ମାଇକ୍ ପାଇଁ ଆମର କମ୍ପିଟିଶନ ହେଲା। ଏଥିରେ ମୁଁ 'ଜନମ୍ ଜନମ୍..' ଗୀତଟି ଗାଇଥିଲି ; ଯାହା ଜଜେସ୍ ଓ ଶ୍ରୋତାଙ୍କୁ ଖୁବ୍ ପସନ୍ଦ ଆସିଥିଲା ଆଉ ମୋତେ ପ୍ଲାଟିନମ୍ ମାଇକ୍ ମିଳିବା ସହ ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ସ୍ଥାନ ମିଳିଗଲା। ତା'ଛଡ଼ା ଆମ ଶୋ'ର ପ୍ରମୋଶନ ପାଇଁ ମୋତେ କୌନ ବନେଗା କରୋଡପତି ମଞ୍ଚକୁ ମଧ୍ୟ ପଠାଯାଇଥିଲା। ସେଠାରେ ଅମିତାଭ ବଚ୍ଚନଙ୍କର କିଛି ଗୀତ ଗାଇବା ସହ ତାଙ୍କ ସହିତ ସ୍ୱଳ୍ପ ସମୟ ବିତାଇବାର ଯେଉଁ ସୁଯୋଗ ମୋତେ ମିଳିଥିଲା ତାହା ଚିର ସ୍ମରଣୀୟ ହୋଇ ରହିବ। ଆଗକୁ କମ୍ପିଟିଶନ ଆହୁରି ଟପ୍ ହେବାକୁ ଯାଉଛି। ସେଥିପାଇଁ ଖୁବ୍ ପରିଶ୍ରମ ବି କରୁଛି। ମୋ ମାମା, ବାବା ଫୋନ୍ ଯୋଗେ ପ୍ରତି କ୍ଷେତ୍ରରେ ମୋତେ ଗାଇଡ୍ କରୁଛନ୍ତି। ମୋ ଗୁରୁ ଶ୍ରୀ ବାଳକୃଷ୍ଣ ବେହେରା ଏବଂ ଶ୍ରୀ ବସନ୍ତ ପାତ୍ର ବି ଅନେକ ପ୍ରେରଣା ଦେଉଛନ୍ତି। ଭଗବାନ୍‌ଙ୍କ କୃପା, ଗୁରୁଜନଙ୍କ ଆଶୀର୍ବାଦ ଆଉ ସାରା ଓଡ଼ିଶାବାସୀଙ୍କର ଶ୍ରଦ୍ଧା ଶୁଭେଚ୍ଛା ରହିଲେ ମୁଁ ନିଶ୍ଚୟ ମୋ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବି।

–ଅମ୍ବିତା ମିଶ୍ର





ମା'ବାପାଙ୍କ ସହ ଇପ୍ସିତ



# ସାହିତ୍ୟ ସାଧକ ତ୍ରିନାଥ



ଏକାଧାରାରେ ସେ ଜଣେ ଶିକ୍ଷାବିତ୍, କବି, ଗାଳ୍ପିକ, ପ୍ରାବନ୍ଧିକ ଏବଂ ନାଟ୍ୟକାର । ଦୀର୍ଘ ପାଞ୍ଚ ଦଶନ୍ଧି ଧରି ତାଙ୍କ କଲମ ଚାଳନାରେ ସେ ସୃଷ୍ଟିକରିଛନ୍ତି ଶତାଧିକ ପୁସ୍ତକ । ତାଙ୍କର ସାହିତ୍ୟ କୃତି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର । ସେ ହେଲେ **ଡ. ତ୍ରିନାଥ ପଟ୍ଟନାୟକ**। ଜନ୍ମ ୧।୫।୧୯୫୧ମସିହା। ମାତା ହାରାମଣୀ, ପିତା ଭାଗବତ ପଟ୍ଟନାୟକ। ଘର ନୟାଗଡ଼ ଜିଲାର ଓଡ଼ଗାଁରେ। ସେ କୁହନ୍ତି, 'ମୋ ବାପା ଥିଲେ ଜଣେ ଶିକ୍ଷକ, ମା ଗୃହିଣୀ। ଆମେ ୩ ଭାଇ ଓ ମୋର ଦୁଇଭଉଣୀ। ସେତେବେଳେ ଘରେ ବୋଉ ବିଭିନ୍ନ ପୁରାଣ ପଢେ, ଯାହା ମତେ ଶୁଣିବାକୁ ଖୁବ୍ ଭଲ ଲାଗୁଥିଲା। ସବୁଦିନ କିଛି ନା କିଛି କାହାଣୀ ଶୁଣିବାକୁ ମନ ବଳାଉଥିଲି। ଏହାପରେ ମୋର ପାଠପଢା ଆରମ୍ଭ ହୁଏ। କୋରପୀଠ ସ୍କୁଲରେ ପ୍ରାଥମିକ ପଢ଼ା, ପରେ ଓଡ଼ଗାଁ ରଘୁନାଥଦେବ ବିଦ୍ୟାପୀଠରେ ଏକାଦଶ ପାସ୍ କଲି। ସେହି ସମୟରେ ଏହି ସ୍କୁଲରେ ସପ୍ତାହର ପ୍ରତି ଶୁକ୍ରବାର ଦିନ ଭଞ୍ଜ ସାହିତ୍ୟର ବିଭିନ୍ନ ବିଷୟରେ ଆଲୋଚନା ହେଉଥିଲା। ତାହା ଶୁଣୁଥିଲି । ୮/୯ମ ଶ୍ରେଣୀ ବେଳରୁ ଲେଖାଲେଖି କଲି। ସେତେବେଳେ ରଚନା କରିଥିବା କେତୋଟି ଗୀତକୁ ଆମ ଅଞ୍ଚଳର କେତେଜଣ ପାଲାକାର, ଦାସକାଠିଆ କଳାକାରମାନେ ରାଜାଙ୍କ ଉଆସରେ ଗାୟନ କରିଥିବାରୁ ସେମାନେ ମୋତେ ବହୁତ ପ୍ରଶଂସା କରି ଉତ୍ସାହିତ କରୁଥିଲେ। ଏଥିଯୋଗୁ ଅଧିକାଂଶ ସମୟ ବିଭିନ୍ନ ପୁସ୍ତକ ପଢ଼ିବା ସହ ଲେଖାଲେଖିରେ ସମୟ ବିତାଉଥିଲି। ବୋଉ ମଧ୍ୟ ଗୀତ, ଗପ ଲେଖିବା ପାଇଁ ପ୍ରେରଣା ଦେଉଥିଲା। ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସଂସ୍କୃତରେ ପିଜି ସାରିଲି। ଏହାସହିତ ଭାରତୀୟ ତନ୍ତ୍ରଶାସ୍ତ୍ର(ହିନ୍ଦୀ ଭାଷା) ଉପରେ ଥେସିସ୍






**ଲେଖାଲେଖି ବ୍ୟତିତ ତାଙ୍କର ନିଆଳୀରେ ଏକ ପାଠାଗାର ମଧ କରିଛନ୍ତି। ଯେଉଁଠି ପ୍ରାୟ ସାତ ହଜାରରୁ ଅଧିକ ବିଭିନ୍ନ ଭାଷାର ପୁସ୍ତକ ରହିଛି, ଯାହାଦ୍ୱାରା ଅନେକ ଛାତ୍ରୀଛାତ୍ର ଓ ଗବେଷକମାନେ ଉପକୃତ ହେଉଛନ୍ତି...**

ଲେଖି ୧୯୯୫ରେ ଡକ୍ଟରେଟ ଡିଗ୍ରୀ ହାସଲ କଲି। ପରେ ୧୯୭୮ରେ ଶିକ୍ଷକ ଭାବେ ନିଯୁକ୍ତି ପାଇଲି। ୨୦୦୯ରୁ ଚାକିରିରୁ ଅବସର ନେଇସାରିଲାଣି। ମାତ୍ର ଲେଖାଲେଖି ଜାରି ରହିଛି। ବିଭିନ୍ନ ପ୍ରାଚୀନ କାବ୍ୟ କବିତା ପଢ଼ିବା ସହ ଲେଖିବାରେ ମଧ୍ୟ ରୁଚି ରହିଛି। ୧୯୭୦ ମସିହାରେ ବ୍ରହ୍ମପୁର ରାଧାକୃଷ୍ଣ ପୁସ୍ତକାଳୟ ଦ୍ୱାରା ପାର୍ବତୀ ତପସ୍ୟା ପ୍ରକାଶିତ ହୋଇଥିଲା। ମୁଁ ରଚନା କରିଥିବା ପୁସ୍ତକ ମଧ୍ୟରେ ବ୍ୟାଘ୍ର ସୁନ୍ଦରୀର ଅଭିସାର, ଶହେଟି ରାତି ଶହେଟି ପ୍ରୀତି, ଚନ୍ଦ୍ରକାନ୍ତା, ଦଗ୍ଧ ଗୋଲାପର କଥା, କାଳିଦାସ ଗ୍ରନ୍ଥାବଳୀ, କବିସୂର୍ଯ୍ୟ ଗ୍ରନ୍ଥାବଳୀ, ଦୀନକୃଷ୍ଣ ଗ୍ରନ୍ଥାବଳୀ, ବାସ୍ତୁଶାସ୍ତ୍ର, ଭାରତୀୟ ସଂସ୍କୃତିରେ ଦେବଦେବୀ ଓ ଦେବତା ମହିମା, ଭାରତୀୟ ପୁରାଣକଥା, ପୁରାଣ ତତ୍ତ୍ୱଶାସ୍ତ୍ର, ଝଡ଼ାଫୁଙ୍କା, ରୁଦ୍ରାକ୍ଷ, ତୁଳସୀ, ଗୃହସ୍ଥ ଗୀତା, ଔଷଧୀୟ ବୃକ୍ଷଲତା, ଆମ ଶରୀରର ରୋଗ, ସରଳ ଯୋଗରୁ ରୋଗମୁକ୍ତ, ମହାକବି ମହର୍ଷି ବାଲ୍ମୀକି, ମହାକବି ବ୍ୟାସଦେବ, ସୁଶ୍ରୁତ ସଂହିତା ଆଦି ବହୁ ଗବେଷଣାମୂଳକ ପ୍ରବନ୍ଧ ଓ ପୁସ୍ତକ ରହିଛି। ୧୯୮୪ ମସିହାରୁ ଆଜିଯାଏ ପ୍ରକାଶିତ ହେଉଛି ମାସିକ 'ଆଲୌକିକ ଶକ୍ତି'। ୨୦୦୦ ମସିହାରୁ ପ୍ରକାଶିତ ହେଉଛି 'ଧର୍ମପଥ' ତ୍ରୟମାସିକ। ୨୦୦୮ରୁ 'ପ୍ରାଚୀ ପରିକ୍ରମା' ସାମୟିକ ପତ୍ରିକା ସମ୍ପାଦନା କରୁଛି। ଏହବାଦ ପ୍ରାୟ ୧୫୦ଟି ବିଭିନ୍ନ ଉପାଦେୟ ପୁସ୍ତକ ରଚନା କରିଛି। ଏବେ ପୁରାଣ ଉପରେ ଲୋକଙ୍କ ଆଗ୍ରହ ବଢିଛି। ମୋର ମନେପଡୁଛି ଥରେ ଲଳିତବସନ୍ତ କବିତା ଦୈନିକ ସ୍ୱରାଜ୍ୟର ସାହିତ୍ୟ ସଂଖ୍ୟାରେ ପ୍ରକାଶ ପାଇଥିଲା। ସେତେବେଳେ ସୁନାମଧନ୍ୟ କବି ମାୟାଧର ମାନସିଂହ ଏହାର ସମ୍ପାଦକ ଥିଲେ। ତା'ପରେ ସେ ତାଙ୍କ ପାଖକୁ ଯିବାକୁ ମୋତେ ଚିଠି ଲେଖିଥିଲେ। ସେହିପରି 'ଗାଁ ମାଟି' ସମ୍ପାଦକ ଭାଗୀରଥି ସ୍ୱାଇଁ ସମସ୍ତ ଖର୍ଚ୍ଚ ବହନକରି ଲଳିତବସନ୍ତ କବିତା ସଂକଳନଟିକୁ ପ୍ରକାଶିତ କରିଥିଲେ। ଏହି ସଂକଳନଟିରେ ଅଭିମତ ପାଇଁ ପଦ୍ମଶ୍ରୀ କବି ସଚୀ ରାଉତରାଙ୍କୁ ଯାଇ ଦେଖା କରିଥିଲି। ସେ କହିଲେ ମୁଁ ଜଣେ କବି ବୋଲି ତମେ ଜାଣିଛ, ମୋତେ ପୁଣି କବିତା ଆଣିଦେଉଛ କ'ଣ କରିବି। ହଉ ଠିକ୍ ଅଛି, ମୋ ଜୀବନରେ କାହାରି ବହି ପାଇଁ ଅଭିମତ ଲେଖେନି, ତୁମ ପାଇଁ ଲେଖିଲି। 'ଯାହାହେଉ ସେ ବହି ଲଳିତବସନ୍ତ ଅଭିସାର ପ୍ରକାଶିତ ହୋଇଥିଲା। ଏହାପରେ ଲାଇବ୍ରେରି କଂଗ୍ରେସ ଅଫ୍ ଆମେରିକା ଏହି ବହିରୁ ୫ଶହ କପି ନେବା ପାଇଁ ଚିଠି ଲେଖିଥିଲା। ଏହା କେବଳ ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଅଭିମତ ପାଇଁ ମୋ ପୁସ୍ତକକୁ ସଫଳତା ମିଳିଥିଲା। ତେବେ ଜୀବନବ୍ୟାପୀ ନିଷ୍ଠାପର ସାରସ୍ୱତ ସାଧନା ପାଇଁ ୨୦୨୩ରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ ହୋଇଛି। ଏଥିସହିତ ୧୯୮୫-୮୬ରେ ଆୟୋଜିତ ସର୍ବଭାରତୀୟ ଆଧ୍ୟାତ୍ମିକ ସମ୍ମେଳନ ତତ୍ତ୍ୱ ସରସ୍ୱତୀ ସମ୍ମାନ, ୧୯୭୬ରେ ଯଦୁମଣି ସାହିତ୍ୟସସଂଦ, ଜନଶିକ୍ଷା ଲେଖକ, ଖବର ବିଚାର ସାହିତ୍ୟ, ଆମ ଖବର ସାହିତ୍ୟ, ମହାଚାର୍ଯ୍ୟ ବୃହସ୍ପତି ସମ୍ମାନ, ନୀଳାଚଳ ମାଧୁରୀ, ସୁବର୍ଣ୍ଣ ଜୟନ୍ତୀ ସମ୍ମାନ, କୋଣାର୍କ ସାହିତ୍ୟ, ରାଷ୍ଟ୍ରଦୀପ ଗଳ୍ପ ସମ୍ମାନ, ବ୍ୟାସକବି ସାହିତ୍ୟ ସଂସଦ, ସାହିତ୍ୟରତ୍ନ ସମ୍ମାନ, ସୁଲେଖା, ଧନ୍ୱନ୍ତରୀ ସମ୍ମାନ, ରାଜଧାନୀ ପୁସ୍ତକମେଳା ପୁରସ୍କାର, ପ୍ରାଚୀ ଗୌରବ ସମ୍ମାନ, ପୂର୍ବାଶା ସାହିତ୍ୟ ସମ୍ମାନ, ସନ୍ଥ ଅରକ୍ଷିତ ଦାସ ସମ୍ମାନ, ପଠାଣି ସାମନ୍ତ ସାହିତ୍ୟ ଆଦି ସମ୍ମାନ ମିଳିଛି। ମୋର ଏକ ଛୋଟ ସଂସାର। ଦୁଇ ପୁଅବୋହୂ, ନାତୁଣୀ ଓ ପତ୍ନୀ ଛାୟାପୁରବୀଙ୍କୁ ନେଇ ଚାଲିଛି। ପତ୍ନୀ ମୋର ଏହି କାର୍ଯ୍ୟରେ ମୋତେ ସହଯୋଗ କରିଥାନ୍ତି। ବର୍ତ୍ତମାନ ନିଆଳିରେ ବାସ କରୁଛି। ପ୍ରାଚୀ ସାହିତ୍ୟ ସମିତିର ସଭାପତି ରହିଛି।

ତ୍ରିନାଥ ପଟ୍ଟନାୟକ ଲେଖାଲେଖି ସହ ନିଆଳୀରେ ଏକ ପାଠାଗାର ମଧ କରିଛନ୍ତି। ଯେଉଁଠି ପ୍ରାୟ ସାତ ହଜାରରୁ ଅଧିକ ବିଭିନ୍ନ ଭାଷାର ପୁସ୍ତକ ସାଇତି ରଖିଛନ୍ତି। ଯାହାଦ୍ୱାରା ଛାତ୍ରୀଛାତ୍ର ଓ ଗବେଷକମାନେ ଉପକୃତ ହେଉଛନ୍ତି।

**-ବନବିହାରୀ ବେହେରା**









## ପରାଜୟର ଗ୍ଲାନି

–ବେବୀଲତା ଶତପଥୀ

ଜିତୁ ଜିତୁ ହାରୁଥିବା ମଣିଷଟେର
ଅବସୋସ ବେଶୀ
ଅଭିଳାଷ କମ୍....
ଠିଆ ହୋଇଚି ସେ ଦୋଛକି ମୋଡ଼ରେ
ସଂବେଦନା ବେଶୀ
ସମ୍ଭାବନା କମ୍.....
ମୁଣ୍ଡ ଉପରେ ଚିନ୍ତାର ପାହାଡ଼
ଶୂନ୍ୟ ସ୍ଥାନ ବେଶୀ
ସମାଧାନ କମ୍.....
ଭାବୁଚି ସେ ଅଣ୍ଟା ଭାଙ୍ଗି ସଳଖି ଚାହିଁବ
ବଡିଘର ଛୁଇଁବ
କି ପଛକୁ ଫେରିଯିବ
ସୀମାହୀନ ଆକାଶରେ ମିଶିଯିବ
ମନରେ ପ୍ରଶ୍ନବାଚୀ
ଅଭିମାନ ବେଶୀ
ଅନୁଶୋଚନା କମ୍
ନା ହାରୁ ହାରୁ ସେ ଜିତିବ
କାନ୍ଦୁ କାନ୍ଦୁ ସେ ହସିବ
ଠିକ୍ ଶୀତ ସକାଳର ସୁନେଲି କିରଣ ପରି.... ।

–କଳିଙ୍ଗବିହାର, ଭୁବନେଶ୍ୱର
ମୋ:୬୩୭୨୯୯୯୫୯୦

## ନିର୍ଜନତାର ନିଃଶବ୍ଦ ଆଳାପ...

–ମିତା ପଟନାୟକ

ଏମିତି ବି ବେଳେବେଳେ
ଖୁବ୍ ଚିତ୍କାର କରୁଥିବା କୋଳାହଳ
ମାନେ ବି ମଉନ ହେବାକୁ
ଠାଣି ନିଅନ୍ତି,
ଭୟରେ,
ତ୍ରାସରେ,
ଆଶଙ୍କାରେ,
ଅବା ହେଇପାରେ ତାଙ୍କ
ଇଚ୍ଛାରେ,
ମର୍ଜିରେ
ସହମତିରେ...

ନୀରବତାର ଭାଷା
ନିଃସଙ୍ଗତାର ନିଥରତା ସବୁ
ନିଃଶବ୍ଦତା ନୀରବ କାନ୍ଥରେ
ମଥା ପିଟୁଥାଏ
ମୋକ୍ଷ ପାଇଁ ,
ନିର୍ବାଣ ପାଇଁ ,
ମୁକ୍ତି ପାଇଁ...

–ସମ୍ବଲପୁର, ମୋ: ୯୪୩୭୩୯୦୦୩୩



## ଆଚାର

– ରଞ୍ଜନ କୁମାର ମହାନ୍ତି

ଏଥର ଦଶହରା ଛୁଟିଟା ଦେଖୁଦେଖୁ ସରିଗଲା ଯେ ପିଲାମାନେ ସମସ୍ତେ ଯିଏ ଯାହା କାମରେ ଚାଲିଗଲେ । ଝିଅ ହଷ୍ଟେଲ ଆଉ ପୁଅ ବାଙ୍ଗାଲୋର । ପାତ୍ରବାବୁ ଅଫିସ ଯିବାପରେ ସୁନନ୍ଦାଙ୍କ ଭାଗରେ ବଳିପଡ଼େ ଯାହା ଘରଟା ଯାକର ନୀରବତା ଆଉ ଛାତି ଭିତରେ ଛଟପଟ ହେଇ ବାରମ୍ବାର କ୍ଷତାକ୍ତ କରୁଥିବା ଟୁକୁଡା ଟୁକୁଡା ଅତୀତ । ଏଇ ଦଶହରା ଛୁଟି ସାରି ସୁନନ୍ଦା ଯେତେବେଳେ ହଷ୍ଟେଲକୁ ଫେରୁଥିଲେ ସାଥିରେ କିଛି ଥାଉ କି ନଥାଉ ବୋଉ ହାତ ତିଆରି ଆଚାର ନିହାତି ଥାଏ । ହେଲେ ସେ କେତେ ଦିନକୁ? ସାଙ୍ଗସାଥିଙ୍କ ଭିତରେ ସପ୍ତାହେ ବି ଡେଇଁ ପାରେନା ଆଚାର ଡ଼ବା । ବର୍ଷକୁ ଯେତେ ଥର ଛୁଟିପଡ଼େ ଆଚାର ଡ଼ବାଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗେ । ହେଲେ ଫଳାଫଳ ସେଇଆ । ଅମୃତ ବି ଅଢେଇ ହାତରେ ସୁଡୁକାଏ ଭଳି କେଇଟା ଦିନରେ ଡ଼ବା ଖାଲି ।

ସୁନନ୍ଦାଙ୍କ ହଷ୍ଟେଲରୁ ଯାଇ ଶାଶୂଘର, ଶାଶୂଘରୁ ସ୍ୱାମୀଙ୍କ ଟିଫିନ ବାକ୍ସ, ଏପରିକି ପୁଅ ଝିଅଙ୍କ ବରାଦ ମୁତାବକ ବୋଉ ହାତ ତିଆରି ଆଚାର କ୍ରମେ ସଂକ୍ରମିତ ହେଇ ଚାଲିଥାଏ ଗୋଟେ ନିହାତି ଜରୁରୀ ଜିନିଷ ଭଳି । ଏମିତିକି ବୋଉ ଆଚାର ପଠାଏ ଅଲଗା ଅଲଗା କରି । ନାତିର ମିଠା ଆଚାର, ନାତୁଣୀ ପାଇଁ ଲେମ୍ବୁ ଆଉ ତେନ୍ତୁଳି ଆଚାର । ଡ଼ବା ସବୁକୁ ଧୋଇଲାବେଳେ ସୁନନ୍ଦା କିନ୍ତୁ ସ୍ପଷ୍ଟ ଭାବେ ଅନୁଭବ କରୁଥାନ୍ତି ଯେଉଁ ଆଚାର ହେଉ ନା କାହିଁକି ସବୁଥିରେ ସେଇ ଗୋଟିଏ ବାସ୍ନା । ପରିଚିତ ବାସ୍ନା, ଯାହା ବଦଳିନି ସୁନନ୍ଦାଙ୍କ ପିଲାଦିନୁ ଆଜି ଯାଏଁ ।

ବୋଉ ଯିବାର ଦୁଇମାସ ପୂର୍ବରୁ ଶେଷଥର ଲାଗି ଆଚାର ପଠେଇଥିଲା । ପରଳ ଢଙ୍କା ଆଖିରେ, ଥରଥର ହାତରେ ପୁଅବୋହୂ ଯେତେ ମନାକଲେ ବି ବୋଉ ନିଜେ ହିଁ ଆଚାର ତିଆରି କରେ । ଅଣ୍ଟାଳି ଅଣ୍ଟାଳି ବୋଉ ଯେଉଁ ଭାଗ ମାପରେ ମସଲା ଦିଏ ସେତକ ପାଖରେ ନିକିତି ବି ହାରିଯାଏ । ଏଥରକ ସୁନନ୍ଦା ପ୍ରଥମ କରି ଆଚାର ବନେଇଥିଲେ । କାହିଁକି କେଜାଣି ଗୋଳମାଳ ହେଇ ଯାଉଥାଏ ହାତ ଆଉ ମୁଣ୍ଡ । ବୋଉ ଆଖି ଲୁହ ତା ଆଚାରରେ ଲୁଣିପଣ ଭରେ, ତା' ଆକଟ ସବୁ ଆଚାରକୁ ମହକାଏ । ''ହେଲେ ମୁଁ କ'ଣ ବୋଉ ଭଳି ଆଚାର ତିଆରି କରି ପାରିବି?'' ବାରମ୍ବାର ଏଇ ପ୍ରଶ୍ନ ଆନ୍ଦୋଳିତ କରୁଥାଏ ସୁନନ୍ଦାଙ୍କୁ । ଅନ୍ତଃତ ମା' ହେବାପରେ ସେ ଏତିକି ବୁଝି ସାରିଥିଲେ ଯେ ବୋଉର ପ୍ରତିଟି ଆଚାର ଡ଼ବାରେ ଫି ଥର ବୋଉ ପଠେଇଦିଏ ତା' କଳିଜାକୁ ଟୁକୁଡା କରି । ଏମିତି କେତେକଣ ଭାବୁଭାବୁ ଲାଗି ଆସିଥାଏ ସୁନନ୍ଦାଙ୍କ ଆଖିପତା । ହଠାତ୍ ଝିଅ ଲିପ୍ସାର ଫୋନ କଲ୍ । ''ମାମା ଆଚାରଟା ତୁମେ ବନେଇଛ? ମୁଁ ବିଶ୍ୱାସ କରି ପାରୁ ନାହିଁ । ପୂରା ଆଈ ଭଳି ସମାନ ସ୍ୱାଦ । ଭାଇ ବି କହୁଥିଲା ଏଇ କଥା ।'' ଏଇ କେଇ ଧାଡି କଥାପରେ ସୁନନ୍ଦା ଆଉ ଶୁଣି ନାହାଁନ୍ତି ଲିପ୍ସାକୁ । କ୍ରମଶଃ ସେ ସ୍ଥାଣୁ ପାଲଟି ଯାଉଥାନ୍ତି ଆଖପାଖର ସେଇ ପରିଚିତ ବାସ୍ନାର ଉପସ୍ଥିତିରେ । ଯାହା କ୍ରମେ ରୂପାନ୍ତରିତ ହେଉଥାଏ ଶବ୍ଦକୁ । ବୋଉର ସ୍ୱରକୁ – ''ଧେତ୍! ତୁ ପରା ଏଇ ଲାଉର ମଞ୍ଜି । ବୋଉ ମାନେ କ'ଣ ଗଛରେ ଫଳନ୍ତି କିଲୋ ? ଏଇ ଧୂଳି ମାଟି, ହସ କାନ୍ଦ, ତେଲ ଲୁଣରେ ବୋଳି ହେଇ ତୋ' ପରି ଦେବୀମାନେ ପରା ବୋଉ ହେଇଯାନ୍ତି ।''

–ଜାମଶୁଳୀ, ବାଲେଶ୍ୱର
ମୋ : ୮୬୫୮୫୭୪୯୪୫








ଅନନ୍ୟା

## ଏବେ କେବଳ ଅଭିନୟ

ଅନନ୍ୟା ପାଣ୍ଡେ ଏବେ ଚିନ୍ତାରେ ପଡିଯାଇଛନ୍ତି। କାରଣ ଏବେ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଆଲୋଚନା ଜୋର୍ ଧରିଛି। ସେ କୁଆଡେ ଜଣେ ବିଜନେସ୍‌ମ୍ୟାନ୍‌ଙ୍କ ପ୍ରେମରେ ପଡିଯାଇଛନ୍ତି। ଏପରିକି କଥା କୁଆଡେ ମ୍ୟାରେଜ ପର୍ଯ୍ୟନ୍ତ ଗଲାଣି। ଏସବୁ କଥା ଜାଣିବା ପରେ ସେ କ'ଣ କେବେ ଥୟ ଧରି ବସିପାରନ୍ତେ ? ଶେଷକୁ ବାଧ୍ୟ ହୋଇ ମୁହଁ ଖୋଲିଛନ୍ତି । ଏଭଳି ଆଲୋଚନା ବିଷୟରେ ସଫେଇ ଦେଇ ଅନନ୍ୟା କହନ୍ତି, 'ମୁଁ କାହାକୁ ବାହା ହେବି, କେବେ ବାହା ହେବି ତାହା ସମ୍ପୂର୍ଣ୍ଣ ଭାବରେ ମୋ ବ୍ୟକ୍ତିଗତ କଥା। ତେଣୁ ମୋ ବିଷୟରେ ଏଣୁତେଣୁ ଅଯଥାରେ ଯୋଡି ଆଲୋଚନା କରିବାର ମୂଲ୍ୟ କିଛି ନାହିଁ। ବର୍ତ୍ତମାନ ମୁଁ ଘର ସଂସାର କରିବା କଥା ଆଦୌ ଚିନ୍ତା କରିନାହିଁ। ଏବେ କେବଳ ଅଭିନୟ ଉପରେ ଫୋକସ୍ କରୁଛି। ମୋତେ ନେଇ ଯେଉଁ ଭିତ୍ତିହୀନ ଆଲୋଚନା ଚାଲିଛି ତାହାର କୌଣସି ଗୁରୁତ୍ୱ ନାହିଁ। ତେଣୁ ସେଭଳି କଥାକୁ କେହି ବିଶ୍ୱାସ କରନ୍ତୁ ନାହିଁ।' ଅନନ୍ୟାଙ୍କ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'। ତେବେ ତାଙ୍କୁ ସାଇନ୍ କରିବା ପୂର୍ବରୁ ଏହି ଭୂମିକା ପାଇଁ ପ୍ରଯୋଜକ କରନ୍ ଜୋହର, ସାରା ଅଲ୍ଲୀ ଖାଁ ଏବଂ ଜାହ୍ନବୀ କପୁରଙ୍କ ସହ ଯୋଗାଯୋଗ କରିଥିଲେ। ଯେତେବେଳେ ସେମାନେ ମନା କଲେ ସେତେବେଳେ ସେ ଜଣେ ନୁଆ ମୁହଁକୁ ବ୍ରେକ୍ ଦେବାକୁ ଚାହିଁଥିଲେ। ଶେଷରେ ଏଥିପାଇଁ ଅନନ୍ୟାଙ୍କୁ ସାଇନ୍ କରାଯାଇଥିଲା।



ରଣବୀର

## ନାୟକ ହେବ ତ ଏମିତି

ନିକଟରେ ଏଭଳି ଏକ ଘଟଣା ଘଟିଛି, ଯାହା ପାଇଁ ରଣବୀର କପୁର ପ୍ରଶଂସା ସାଉଁଟି ଚାଲିଛନ୍ତି। ବର୍ତ୍ତମାନ 'ଲଭ୍ ଆଣ୍ଡ ୱାର' ଫିଲ୍ମର ଶୁଟିଂ ଚାଲିଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ରଣବୀର କପୁର। ଶୁଟିଂ ସମୟରେ ସେ ଜାଣିବାକୁ ପାଇଲେ ଯେ, ଆଜି ଜଣେ ସ୍ପଟ ବୟର ଜନ୍ମଦିନ। ହେଲେ କିଛି ନ କହି ସେ ଶୁଟିଂ ଶେଷ କଲେ। ତା'ପରେ ସମସ୍ତଙ୍କୁ ଏକାଠି କରି କହିଥିଲେ ଯେ ଆଜି ସମସ୍ତେ ହୋଟେଲକୁ ଯିବା। ହଠାତ୍ ଏଭଳି ଘୋଷଣା ଶୁଣି ୟୁନିଟ୍‌ର ସଦସ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସନ୍ଧ୍ୟାରେ ସମସ୍ତେ ହୋଟେଲରେ ପହଞ୍ଚିବା ପରେ ସେମାନଙ୍କୁ ସରପ୍ରାଇଜ ଦେଇଥିଲେ ରଣବୀର। ଅସଲ କଥା ହେଲା ସେହି ସ୍ପଟ ବୟଙ୍କର ବାର୍ଥ ଡେ' ପାଳନ କରିବାକୁ ସେ ସେଠାକୁ ସମସ୍ତଙ୍କୁ ଡାକିଥିଲେ। ବେଶ୍ ଜାକଜମକରେ କେକ୍ କଟାହେଲା। ସମସ୍ତେ ଡିନର କରି ଘରକୁ ଫେରିଥିଲେ। କେବଳ ସେତିକି ନୁହେଁ, ସେଦିନ ସମସ୍ତ ସ୍ପଟ ବୟଙ୍କୁ କିଛି ଗିଫ୍ଟ ମଧ୍ୟ ଦେଇଥିଲେ ରଣବୀର।

## ଦୃଢ଼ମନା ଭୂମି

ଭୂମି ପେଦନେକରଙ୍କୁ ଏବେ ଆକ୍ସନ ନିଶା ଘାରିଛି। ଅବଶ୍ୟ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ଏଭଳି ଏକ ରୋଲ୍‌ରେ ଅଭିନୟ କରିବାକୁ ତାଙ୍କର ଆଶା ଥିଲା। ହେଲେ ଏ ପର୍ଯ୍ୟନ୍ତ ସେ ସୁଯୋଗ ତାଙ୍କୁ ମିଳି ନାହିଁ। ତଥାପି ସେ ଆଶା ହରାଇ ନାହାନ୍ତି। ଏ ନେଇ ଭୂମି କହନ୍ତି, 'ଇତି ମଧ୍ୟରେ ମୁଁ କେତେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିସାରିଛି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି।' କଥାରେ ଅଛି ଆଶା ଅସୁମାରୀ। ଭୂମି ସିନା ନିଜ ମନ କଥା କହିଦେଲେ, ହେଲେ ସେ ଚାହିଁଲେ ତ ହେବ ନାହିଁ, କୌଣସି ପ୍ରଯୋଜକ ତାଙ୍କୁ ଏଭଳି ଅଫର ଦେବା ବଡ କଥା। ତଥାପି ଆଶା ହରାଇ ନାହାନ୍ତି ଏହି ଅଭିନେତ୍ରୀ। ଯଦି ବି ତାଙ୍କୁ ଏଭଳି ଭୂମିକାରେ ସୁଯୋଗ ମିଳେ ତେବେ ତାଙ୍କୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ମଧ୍ୟ ଦେଖିବାକୁ ହେବ। ଭୂମିଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦମ୍ ଲଗାକେ ହୈସା'। ଇତିମଧ୍ୟରେ ସେ ଅନେକ ଫିଲ୍ମରେ ଅଭିନୟ କରିସାରିଛନ୍ତି। ଯେମିତିକି – 'ଟୟଲଟ୍ : ଏକ ପ୍ରେମ କଥା', 'ଶୁଭ ମଙ୍ଗଲ ସାବଧାନ', 'ଲଷ୍ଟ ଷ୍ଟୋରିଜ', 'ବାଲା', 'ପତି ପତ୍ନୀ ଔର ୱ', 'ଭୂତ୍', 'ଦୁର୍ଗାମତୀ' ଏବଂ 'ଭକ୍ଷକ' ଆଦି।



ଭୂମି

## ଭୁଲନ୍ତି ନାହିଁ ଦୀପିକା

ଦୀପିକା ପାଦୁକୋନ୍ ପ୍ରତିଦିନ ଗୋଟିଏ କଥା କରିବାକୁ ଆଦୌ ଭୁଲି ନ ଥାନ୍ତି। କେହି କେହି ଏହାର ଉତ୍ତରରେ ଭାବୁଥିବେ, ବ୍ୟାୟାମ ବୋଲି। ଏହା ତ ସତ। ହେଲେ ଆଉ ଏକ କଥା ରହିଛି, ଯାହାକୁ ସେ ଏ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି। ସେ କଥାଟି ହେଉଛି ପ୍ରତିଦିନ କିଛି ସମୟ ବ୍ୟାଡମିଣ୍ଟନ ଖେଳିବା। ଏ ବିଷୟରେ ଦୀପିକା କହନ୍ତି, 'ପାପା (ପ୍ରକାଶ ପାଦୁକୋନ୍) ମୋତେ ପିଲାଟି ଦିନରୁ ବ୍ୟାଡ୍‌ମିଣ୍ଟନ ଖେଳାଳି ହେବାକୁ ଉତ୍ସାହିତ କରୁଥିଲେ। ତେଣୁ ମୁଁ ପିଲାବେଳୁ ର୍‌ୟାକେଟ ଧରି ବ୍ୟାଡମିଣ୍ଟନ ଖେଳିଆସିଛି। ହେଲେ ଏହାକୁ ଯେ, ମୁଁ କ୍ୟାରିୟର କରିବି ତାହା କେବେ ଚିନ୍ତା କରି ନ ଥିଲି।' ନିକଟରେ ଦୀପିକାଙ୍କ ଅଭିନୀତ 'ସିଙ୍ଘମ ଏଗେନ୍' ହିଟ୍ ସାବ୍ୟସ୍ତ ହୋଇଛି। ଏଥିରେ ଦୀପିକା 'ଡିସିପି ଶକ୍ତି ସେଟ୍ଟି' ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ନିର୍ଦ୍ଦେଶକ ରୋହିତ ସେଟ୍ଟି ଏବେ ଦୀପିକାଙ୍କୁ ମୁଖ୍ୟ ଭୂମିକାରେ ନେଇ ଏକ ସିନେମା ନିର୍ମାଣ କରିବାକୁ ଚିନ୍ତା କରୁଛନ୍ତି। ଯାହାର ଟାଇଟଲ 'ଶକ୍ତି ସେଟ୍ଟି' ରହିବ ବୋଲି ସେ ପ୍ରାକ୍ ସୂଚନା ଦେଇଛନ୍ତି।

## ଖୋଜୁଛନ୍ତି ଆଲିଆ

ଆଲିଆ ଭଟ୍ଟ ଏବେ ଅଭିନୟ ଛଡ଼ା ଏକ ନୂଆ କାମରେ ବ୍ୟସ୍ତ ଅଛନ୍ତି। କଥା କ'ଣ କି ନିର୍ଦ୍ଦେଶକ ନାଗ୍ ଅଶ୍ୱିନ ଏକ ନୂଆ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି। ଏହାର ନାୟିକା କିଏ ହେବ ସେ ଏନେଇ ଚିନ୍ତାରେ ପଡିଥିଲେ। କିଛି ସମୟ ଚିନ୍ତା କରିବା ପରେ ଜଣଙ୍କର ନାମ ତାଙ୍କ ମନକୁ ଆସିଥିଲା। ସେ ହେଉଛନ୍ତି ଆଲିଆ ଭଟ୍ଟ। ବିଳମ୍ବ ନ କରି ସେ ଆଲିଆଙ୍କ ସହ ଯୋଗାଯୋଗ କରିଥିଲେ। ସେପଟେ ଏଭଳି ଅଫର୍ ପାଇବା ପରେ ତାହାକୁ ଆଦୌ ହାତଛଡା କରିନାହାନ୍ତି ଏହି ଅଭିନେତ୍ରୀ। ଆଲିଆ ଏନେଇ ସମ୍ମତି ପ୍ରଦାନ କରିବା ପରେ ନିର୍ଦ୍ଦେଶକ ତାଙ୍କୁ ଆଉ ଏକ ଗୁରୁ ଦାୟିତ୍ୱ ଦେଇଛନ୍ତି। ତାହା ହେଲା ଏହି ଫିଲ୍ମର ଟାଇଟଲ ଖୋଜିବା। ଏହି ଦାୟିତ୍ୱ ପାଇବା ପରେ ଆଲିଆ କାମରେ ଲାଗି ପଡିଛନ୍ତି। ସେପଟେ ଏହି ଫିଲ୍ମ ବିଷୟରେ ନାଗ୍ କହନ୍ତି, 'ଏହାର କାହାଣୀକୁ ଭଲ ଭାବରେ ଅନୁଧ୍ୟାନ କରିବା ପରେ ଏଥିରେ ଥିବା ନାୟିକା ଚରିତ୍ରକୁ କେବଳ ଆଲିଆ ତୁଲାଇ ପାରିବେ ବୋଲି ମୋର ହୃଦବୋଧ ହୋଇଥିଲା। ଯାହାହେଉ ସେ ମୋ ଅଫରଟିକୁ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କାମ ଚାଲିଛି। ଟାଇଟଲ ଦାୟିତ୍ୱ ମୁଁ ଆଲିଆଙ୍କୁ ଦେଇଛି।' ଏବେ ଆଲିଆ କିପରି ଟାଇଟଲ ଠିକ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।




ଆଲିଆ



ଦୀପିକା



ରାକେଶ

## ଯାହା ଭାବିଥିଲେ ରାକେଶ

ରାକେଶ ଦେଓ ଏବେ ଗୋଟିଏ କଥାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ସେ କଥାଟି କ'ଣ ଜାଣନ୍ତି ? ତାହା ହେଉଛି ସେ ଯେଉଁଭଳି ଏକ ମନଲାଖି ଭୂମିକା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ତାଙ୍କର ଏହି ରୋଲ୍‌ରେ ଲଭ୍, ଇମୋଶନ, ଆକ୍ସନ ଭରି ରହିଛି-ଯାହା ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ ଦେବ ବୋଲି ସେ ଆଶାବାଦୀ ଅଛନ୍ତି। ଏ ବିଷୟରେ ରାକେଶ କହନ୍ତି, '' ଶୁଟିଂ ଚାଲିଥିବା 'ତୁ ମୋ କମଜୋରୀ' ଫିଲ୍ମର ନାୟକ ଭୂମିକାରେ ମୁଁ ଅଭିନୟ କରିଛି। ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ଆଉ ମୋ ରୋଲ୍ ବିଷୟରେ ଅବଗତ ହେଲି ସେତେବେଳେ ମୋର ହୃଦୟଙ୍ଗମ ହେଲା ଯେ, ସିନେମାଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। କାରଣ ଏଥିରେ ମୋର ରୋଲ୍ କୌଣସି ଗୁଣରେ କମ୍ ନୁହେଁ। ଏହାକୁ ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ମୁଁ ବହୁତ ଚେଷ୍ଟା ବି କରୁଛି।'' ସୁପ୍ରିମ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚିତ୍ରର ଶୁଟିଂ ଏବେ ଚାଲୁ ରହିଛି। ଏହାର ପ୍ରଯୋଜନା କରିଛନ୍ତି ସୁରେଶ ସାହୁ ଏବଂ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଭାର୍ଗବୀ ତ୍ରିପାଠୀ। ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ବସନ୍ତରାଜ ସାମଲ, ସୁବ୍ରତ ସ୍ୱାଇଁ ଏବଂ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ଦୀପ୍ତିରେଖା ପାଢ଼ୀ, ହ୍ୟୁମାନ ସାଗର, ସବିଶେଷ, ଆଶୁତୋଷ ଏବଂ ଅନନ୍ୟା ଶ୍ରୀତମ ନନ୍ଦ। ଉକ୍ତ ସିନେମାରେ ରାକେଶଙ୍କ ନାୟିକା ଭାବରେ ଅଭିନୟ କରୁଛନ୍ତି ଅନୁଭା ସୌର୍ଯ୍ୟା ଏବଂ ଲିପିକା। ଏମାନଙ୍କ ବ୍ୟତୀତ ରତନ ମେହେର, ଅଶ୍ରୁମୋଚନ ମହାନ୍ତି, ନଟିଆ, ସଚିନ, ଆଶିଷ, ସୁଶାନ୍ତ, ଯୋଗେଶ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

**ପ୍ରଥମ ରୋଜଗାର**

## ବହି ରୟାଲଟି ଥିଲା ମୋ ରୋଜଗାର



ସାହିତ୍ୟିକା **ଭାନୁମତୀ ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପିଲାଦିନେ ପଢ଼ିଲାବେଳେ ଜେଜେମା', ଆଈ ଚୁପ୍‌ଚାପ୍ ମୋ ପାଖରେ ବସିଥାଆନ୍ତି। କେବେକେବେ ଆଈ କୁହେ- 'ଅଣ୍ଟା ପିଠି ଲଗେଇ ଏତେ ପାଠ ପଢ଼ୁଛୁ ଯେ, ଚାକିରି କରିବୁ। ଟଙ୍କା ରୋଜଗାର କରିବୁ'। ଅଜା କୁହନ୍ତି- 'ମୋ ନାତୁଣୀ ଡାକ୍ତରାଣୀ ହେବ'। ବୋଉବାପାଙ୍କ ଇଚ୍ଛାଥାଏ ମୁଁ ଭଲ ପାଠପଢ଼ି ଭଲମଣିଷ ହୁଏ। ଝିଅଟିଏ ପାଠପଢ଼ି ରୋଜଗାରକ୍ଷମ ହେବା ପଚାଶବର୍ଷ ତଳେ ପ୍ରାୟତଃ ସମ୍ଭବ ନ ଥିଲା ରକ୍ଷଣଶୀଳ ପରିବାର ଭିତରେ। ମୁଁ ଥିଲି ବୋଉବାପାଙ୍କ ବଡ଼ଝିଅ। ମୋ ତଳେ ଦୁଇଭାଇ ଓ ଗୋଟିଏ ଭଉଣୀ। ମୋ ବାପା ଭାଗବତ ସାହୁ ଜୁନିୟର ଇଞ୍ଜିନିୟର ଥିଲେ। କିନ୍ତୁ ପାରାଲିସିସ୍ ଆକ୍ରାନ୍ତ ଜେଜେବାପାଙ୍କ ସେବା ଓ ଘରକଥା ବୁଝାବୁଝି କରିବାକୁ ସେ ଚାକିରିରୁ ଇସ୍ତଫା ଦେଇଥିଲେ। ରକ୍ଷଣଶୀଳ ଯୌଥ ଧନୀ ପରିବାର ଭିତରେ ବଢ଼ିଥିବାରୁ ଚାକିରି ଓ ରୋଜଗାର ପ୍ରତି ବାପା ଆଗ୍ରହୀ ନ ଥିଲେ। ଦାଦା ବି ଇଲେକ୍ଟ୍ରିକାଲ ଜୁନିୟର ଇଞ୍ଜିନିୟର ଚାକିରି ବାଧ୍ୟବାଧକତାରେ କରିଥିଲେ। ସାନଦାଦା ପୁରୀ ଏସ୍.ସି.ଏସ୍. କଲେଜରୁ ବି.କମ୍. ପାସ୍ କରି ମଧ୍ୟ ଚାକିରି କରି ନ ଥିଲେ। ବାପା ଦାଦା ବ୍ୟବସାୟରେ ମନ ଦେଇଥିଲେ। ଯେଉଁ ପରିବାର ଶିକ୍ଷିତ ହୋଇ ଚାକିରି ପ୍ରତି ଉଦାସୀନ ଥିଲେ ସେଇ ଘରର ଝିଅ ମୁଁ ମାଟ୍ରିକରେ ଫାଷ୍ଟକ୍ଲାସ ପାଇଥିଲେ ମଧ୍ୟ ପାଠ ଅପେକ୍ଷା ମୋ ବିବାହର ଗୁରୁତ୍ୱ ବେଶି ଥିଲା। ତେଣୁ ସରକାରୀ ଚାକିରିଆ ବର ସହିତ ମୋ ବିବାହ ହୋଇଗଲା ପ୍ରାୟ କୋଡ଼ିଏ ବର୍ଷ ବୟସରେ। ବିବାହ ପରେ ଇତିହାସରେ ଏମ୍.ଏ. କଲା ପରେ ବି ସ୍ୱାମୀଙ୍କ ଅନିଚ୍ଛା ପାଇଁ ମୁଁ କୌଣସି ଚାକିରି କରିପାରି ନ ଥିଲି। ମୋ ଶିକ୍ଷାଗତ ଯୋଗ୍ୟତା କେବଳ ପରିବାରକୁ ସୁରୁଖୁରୁରେ ଚଳେଇବା ଓ ସନ୍ତାନଙ୍କୁ ମଣିଷ କରି ଗଢ଼ିବା ପାଇଁ ଉଦ୍ଦିଷ୍ଟ ରହିଗଲା। ମୋ ପୁଅ ଓ ଝିଅ ଏବେ ଦୁଇଜଣ ଡାକ୍ତର। ତେବେ ମୋ ସାହିତ୍ୟ ଜୀବନ ଆରମ୍ଭ ହୋଇଥିଲା ଫୁଲବାଣୀରେ ମୋ ସ୍ୱାମୀଙ୍କ ଚାକିରି ଜାଗାରେ। ମୋ ସ୍ୱାମୀ ଅଧ୍ୟାପକ ଅରୁଣ ଚନ୍ଦ୍ର ସାହୁ କବିତା, ଗଳ୍ପ ଲେଖୁଥିଲେ ପତ୍ରପତ୍ରିକା ପାଇଁ। ମୁଁ କିଛି କିଛି କବିତା ଡାଏରୀରେ ଲେଖୁଥିଲି। 'ଧ୍ୱନି ପ୍ରତିଧ୍ୱନି'ରେ ମୋର ଏଡ୍‌ସ ଉପରେ ପ୍ରଥମ ଉପନ୍ୟାସ 'ମାୟା' ବାହାରିଥିଲା। ତା'ପରେ ଅନେକ ଗପ କବିତା ମଧ୍ୟ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଲା। ପୁଅ ପଢ଼ିବା ପାଇଁ ଚେନ୍ନାଇ ଯିବା ପରେ ମୁଁ ନିଜକୁ ଆହୁରି ସାହିତ୍ୟ କ୍ଷେତ୍ରରେ ନିମଗ୍ନ କଲି। ସାହିତ୍ୟରୁ ରୋଜଗାର କ'ଣ! ହଁ, କେବେ ଗାଳ୍ପିକା ହିସାବରେ ଶହେ କି ଦୁଇଶହ କି ପାଞ୍ଚଶହ ଟଙ୍କା ପତ୍ରିକାର ସଂପାଦକଙ୍କଠାରୁ ପାଇଛି। ଆକାଶବାଣୀ କଟକ କେନ୍ଦ୍ରରୁ ନାରୀମହଲ ସାକ୍ଷାତକାର ଓ ଗଳ୍ପ ପଠନ କାର୍ଯ୍ୟକ୍ରମ ପାଇଁ ପାଞ୍ଚହଜାର ଉପରେ ଟଙ୍କା ପାଇଥିଲି। ଏତଦ୍‌ବ୍ୟତୀତ ଓଡ଼ିଶା ଲେଖିକା ସଂସଦରୁ ଉପନ୍ୟାସ ପାଇଁ ସୁଧାଂଶୁବାଳା ପଣ୍ଡା ପୁରସ୍କାରରେ ପାଞ୍ଚ ହଜାର ଟଙ୍କା ପାଇଛି। କିନ୍ତୁ ଏହାକୁ ରୋଜଗାର ବୋଲି ଭାବେନି। ମୁଁ ଏପର୍ଯ୍ୟନ୍ତ ଚଉରାଳିଶ ଖଣ୍ଡ ପୁସ୍ତକ ରଚନା କରି ପାଠକୀୟ ସ୍ୱୀକୃତି ପାଇଛି; ଯାହା ମୋ ପାଇଁ ବଡ଼ ପୁରସ୍କାର। ମୋ ଶିଶୁ କିଶୋର ବିଜ୍ଞାନ ଗଳ୍ପ ପୁସ୍ତକ ରାଜ୍ୟ ସରକାରଙ୍କ ଓସେପା ଦ୍ୱାରା ମନୋନୀତ ହୋଇ ବିଭିନ୍ନ ସ୍କୁଲକୁ ପଠାଯାଇଥିଲା। ଏହି ବହିର ରୟାଲଟି ହିସାବରେ ପ୍ରକାଶକ ପ୍ରଥମେ ଦଶହଜାର ଟଙ୍କା ମୋତେ ପ୍ରଦାନ କରିଥିଲେ; ଯାହାକୁ ମୋ ପ୍ରଥମ ରୋଜଗାର ଧରିପାରନ୍ତି। ଏହି ଟଙ୍କା ପାଇବାର ଅଳ୍ପଦିନ ପରେ ମୋ ବୋଉବାପାଙ୍କ ଅସ୍ଥି ବିସର୍ଜନ ପାଇଁ ଭାଇଭାଉଜ ପ୍ରୟାଗ ବାହାରିଲେ। ପ୍ରଥମ ରୋଜଗାରର ଦଶହଜାର ଟଙ୍କା ବୋଉବାପାଙ୍କ ଅସ୍ଥି ବିସର୍ଜନ କାର୍ଯ୍ୟରେ ବିନିଯୋଗ କରିବାକୁ ଭାଇମାନଙ୍କୁ ଦେଲି; ଯାହା ମୋତେ ଆତ୍ମସନ୍ତୋଷ ଦେଇଥିଲା।

# ରଙ୍ଗିଲା ରାଧିକା ରଜନୀଗନ୍ଧା, ନିମିଷକେ ମନ ପଡିଲା ବନ୍ଧା

**ସାଥୀ**

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋତେ ଭଲ ପାଉଛି ବୋଲି ଆଭାସ ପାଇସାରିଲିଣି। ହେଲେ ମୋ ମନ କଥା ସେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ତାପସ ରାଉତ, ରାଉରକେଲା*

**ଉତ୍ତରଃ**ଏପରି ଚାନ୍ସ ପାଇବା ପରେ ଆଉ ଭାବିବାର କ'ଣ ଅଛି କହୁନାହାନ୍ତି ? ଯଦି ଜାଣୁଛନ୍ତି ସେପଟୁ ଗ୍ରୀନ୍ ସିଗନାଲ ଅଛି, ତେବେ ବିଳମ୍ବ ନ କରି ବହି ଫିଟ୍ କରିଦିଅନ୍ତୁ। ସେ ନେଇ ଯଦି ଏମିତି ଆପଣ ଭାବୁଥିବେ, ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ଦେବ। ସୁବିଧା ଦେଖି ନିଜ ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକସେସ୍ ହେଲା ବୋଲି ଜାଣ।

**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ସେ ମୋ ମନକୁ କିଣିନେଇଛି। ଆଉ ତା' ସହ ଭେଟ ହେଉନାହିଁ। ମୁଁ ଏବେ କ'ଣ କରିବି କହିବେ କି ସାଥୀ ?

*–ଅଜିତ ସାହୁ, ଭୁବନେଶ୍ୱର*

**ଉତ୍ତରଃ**ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ଯାହାକୁ ମନ ଦେଇ ବସିଛନ୍ତି ତାହାର କିଛି ଠା' ଠିକଣା ଆପଣଙ୍କ ପାଖରେ ନାହିଁ। ଏମିତି ବି ହୋଇପାରେ ସେହି ସୁନ୍ଦରୀ ମଧ୍ୟ ଆପଣଙ୍କ ମନକୁ ଚୋରି କରିନେଇଛି। 'ରଙ୍ଗିଲା ରାଧିକା ରଜନୀଗନ୍ଧା, ନିମିଷକେ ମନ ପଡିଲା ବନ୍ଧା।' ତେଣୁ ଅପେକ୍ଷା କରନ୍ତୁ। ହୁଏତ ଏପରି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ!

**ପ୍ରଶ୍ନ–**ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। ପୁଣି ଆଉ ଜଣେ ଝିଅ ମୋତେ ପ୍ରେମ କରିବସିଚି। ଏବେ କ'ଣ କରିବି ?

*–ସମ୍ପଦ କୁମାର, ବ୍ରହ୍ମପୁର*

**ଉତ୍ତରଃ**ଯାହାକୁ ପ୍ରଥମେ ମନ ପ୍ରାଣ ଦେଇ ଭଲ ପାଉଥିଲେ ଆଉ ତା' ହାତ ଧରି ଅନେକ ବାଟ ଆଗେଇ ଯାଇଥିଲେ ସେ ତ ଅଧା ବାଟରେ ଛାଡି ଚାଲିଗଲା। ଏବେ ତାକୁ ମନେ ପକାଇବା ଅର୍ଥ ପୁରୁଣା ଘା'କୁ ପୁଣି ଥରେ ଉଖୁରାଇବା। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦେବାକୁ ହେବ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ–**ଲାଜରୁ ପ୍ରେମର ସୃଷ୍ଟି ବୋଲି ଅନେକ କହନ୍ତି। ଏପରି ଏକଥା ପଛରେ କେତେ ସତ୍ୟତା ରହିଛି କହିବେ କି ସାଥୀ ?

*–ପ୍ରମୋଦ କୁମାର, କେନ୍ଦ୍ରାପଡା*

**ଉତ୍ତରଃ** କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେବା ସମୟରେ ଲାଜ କରନ୍ତି। ଆଉ ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ତାହାକୁ ପଢ଼ିବାକୁ କେବଳ ଟିକେ ବୁଦ୍ଧି ଖଟାନ୍ତୁ। ହୁଏତ ସେହି ଲାଜୁଆ ଇସାରାରେ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହୁଏତ ହାତରୁ ଖସି ଯାଇପାରେ।



# କଂସା ପିତ୍ତଳ ସଂଗ୍ରହାଳୟ





**ଆ**ଜକୁ ପ୍ରାୟ ୩୪ବର୍ଷ ହେବ ସେ ସଂଗ୍ରହ କରିଛନ୍ତି ଅନେକ ପ୍ରକାରର କଂସା ପିତ୍ତଳ ସାମଗ୍ରୀ। ଏସବୁକୁ ନେଇ ଗଢିଛନ୍ତି ଭିନ୍ନ ଏକ ସଂଗ୍ରହାଳୟ। ଏହାର ନାଁ ଦେଇଛନ୍ତି ଗୋପୀନାଥ ଐତିହ୍ୟ କଂସାପିତ୍ତଳ ବସ୍ତୁ ତଥା ଅବହେଳିତ କଳାକୃତି ସଂଗ୍ରହାଳୟ। ଏହି ସଂଗ୍ରହାଳୟର ପ୍ରତିଷ୍ଠାତା ହେଲେ **ସୁଦର୍ଶନ ସାହୁ** । ଶିକ୍ଷାରେ ସେ ଜଣେ କୃଷି ବୈଜ୍ଞାନିକ, ମାତ୍ର ପେସାରେ ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ। ସେ କୁହନ୍ତି, ଆମଘର ନୟାଗଡ଼ ଜିଲାର କଣ୍ଟିଲୋରେ। ମା' ଚମ୍ପା ଦେଈ, ପିତା ଗୋପୀନାଥ ସାହୁ। ଆମ ପରିବାରର କୌଳିକ ବୃତ୍ତି ଥିଲା କଂସାପିତ୍ତଳ କାରିଗରୀ। ତେବେ କଂସାପିତ୍ତଳ ସଂଗ୍ରହର ନିଶା ମୋର ୧୯୯୦ ମସିହାରୁ ଆରମ୍ଭ ହେଲା। ସେବେଠାରୁ ବିଭିନ୍ନ ପୁରାତନ କଂସାପିତ୍ତଳ ଓ ତମ୍ବାର ନାନାପ୍ରକାର ସାମଗ୍ରୀକୁ ସାଇତି ରଖିବା ସହିତ ବିଭିନ୍ନ ସ୍ଥାନରୁ ପୁରୁଣା କଂସାପିତ୍ତଳ ସାମଗ୍ରୀକୁ ସଂଗ୍ରହ କରିବା ସହିତ ଗୋପୀନାଥ ଧାତୁ ଗବେଷଣା ପ୍ରତିଷ୍ଠାନ ଗଠନ କରିଛି। ଏଥିପାଇଁ ମୋତେ ଅନେକ ସମୟ ଦେବା ସହ ଅର୍ଥ ବି ଖର୍ଚ୍ଚ ହୋଇଛି। ତଥାପି ମୁଁ ପଛକୁ ଫେରିନି, ଏୟା ଭାବି ଯେ କଂସାପିତ୍ତଳ ଓ ତମ୍ବା ପାତ୍ରରେ ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରୁହେ। ଆଜକୁ କିଛିବର୍ଷ ହେଲା ମୁଁ ରହୁଛି ଭୁବନେଶ୍ୱର ଜାଗମରା ଅଞ୍ଚଳରେ ; ଯେଉଁଠି ମୁଁ ମୋର ସଂଗ୍ରହାଳୟ କରିଛି। ଗାଁଗଣ୍ଡାରୁ ହଜିଯାଉଥିବା ବହୁ ପୁରାତନ ବିରଳ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବା ଓ ମନେପକାଇବା ନିଶା ମୋତେ ଏହି ସଂଗ୍ରହାଳୟକୁ ଆଗକୁ ନେବାରେ ପ୍ରେରଣା ଦେଇଛି। ଆଜି ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିସାରିଲାଣି। ଏଠାରେ ମୋର ରହିଛି ଦେଶୀୟ ପଦ୍ଧତିରେ ତିଆରି ନାନାପ୍ରକାରର କଂସା, ପିତ୍ତଳ ଓ ତମ୍ବାର ବ୍ୟାବହାରିକ ସାମଗ୍ରୀ ; ଯାହା ପ୍ରାୟ ୪୫୦୦ରୁ ଊର୍ଦ୍ଧ୍ୱ ହେବ। ଆଦିମ ଜନଜାତିଙ୍କ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଅଳଙ୍କାର, ଗୃହ ଉପକରଣ ଓ ଖାଦ୍ୟରନ୍ଧା ପାତ୍ର। ପ୍ରାୟ ୨ଶହ ବର୍ଷ ତଳର ବେଲଗୁଣ୍ଠାର ପିତ୍ତଳମାଛ, ନଅଙ୍କ ଦୁର୍ଭିକ୍ଷ ସମୟରେ ମଠଗୁଡ଼ିକରେ ଅନ୍ନଛତ୍ର ପାଇଁ ବ୍ୟବହୃତ ପିତ୍ତଳହଣ୍ଡା, ହାଣ୍ଡି, ଇତ୍ୟାଦି ରୋଷେଇ ସମାଗ୍ରୀ। ଏହାବାଦ୍ ପ୍ରାୟ ୩୫ପ୍ରକାରର ବାଦ୍ୟଯନ୍ତ୍ର,୧୪ ପ୍ରକାରର ଗୁଆକାତି, ୬୫ପ୍ରକାରର ସିନ୍ଦୂର ଫରୁଆ, ୪୫ଟି ପ୍ରାଚୀନ ଗହଣାଗାଣ୍ଠି ଓ ଟଙ୍କା ରଖିବା ପେଡ଼ି, ୧୨୦ଟି ମାଛ, କଲରା, ଜହ୍ନି ଓ ନଡ଼ିଆ ଆକୃତିର ବାକ୍ସ, ରାଜା, ଜମିଦାର ବ୍ୟବହାର କରୁଥିବା ବିଭିନ୍ନ ବାଘ, ହାତୀ, ଘୋଡ଼ା, ସିଂହ ଆଦି ପ୍ରାଣୀଙ୍କ ପିତ୍ତଳ ମୁଣ୍ଡ ଥିବା ବଙ୍କୁଲିବାଡ଼ି। ପ୍ରାୟ୧୫ପ୍ରକାରର ପଖାଳ କଂସା ବି ରହିଛି। ସେହିପରି ୧୨୫ ପ୍ରକାର ଡିବିରି, ୪୫ପ୍ରକାରର କଂସା ଗିନା, ୨୦ପ୍ରକାରର ଥାଳି, ୧୬ ପ୍ରକାରର ଖଡ୍ଡୁ, ୨୩ ପ୍ରକାର ଗିଲାସ, ୨୫ପ୍ରକାରର ପିକଦାନି, ୨୪ପ୍ରକାର ପଶାକାଠି, ପିତ୍ତଳ ଓ ଲୁହାର ଲେଖନୀ, ଝାଞ୍ଜ, ଗିନି ତଥା ଗୃହପାଳିତ ପ୍ରାଣୀଙ୍କର ବେକର ଘଣ୍ଟି, ପ୍ରାୟ ୭୫ପ୍ରକାରର ଘାଗୁଡ଼ି, ୬ପ୍ରକାରର ଗାନ୍ଧିଜୀଙ୍କ ପିତ୍ତଳମୂର୍ତ୍ତି, ୬ପ୍ରକାରର ଚାଉଳଡ୍ରମ, ଓଜନମାପ ପାଇଁ ୬ପ୍ରକାରର ବିଶା, ୨୫ଟି ନଉତି, ଗଉଣି, ମାଣ,୧୫ପ୍ରକାର ବାଜବନ୍ଧୁ (କହୁଣି ଉପରେ ପିନ୍ଧାଯାଏ), ୮ଟି ଶାହାନାଇ, ଆଦିବାସୀଙ୍କ ମଦରନ୍ଧା ତମ୍ବାପାତ୍ର ୨ଟି, ୨୦ଟି ଧନୁଶର, ଫାର୍ସା, ତମ୍ବାର ବାଲଚିପି ୨୦ଟି, ଧରଣୀପେନୁ ପୂଜାଢାଲ ୬ଟି ରହିଛି। ପାଇକ ସ୍ମାରକୀ ଭାବେ ଦୁଇଟି ଢାଲ, ୪ଟି ଖଣ୍ଡା, ୬ଟି ଲାଠ ଶିରସ୍ତ୍ରାଣ, ୮ପ୍ରକାର ମଶାଲ, ବୀରକାହାଳୀ ୪ଟି, ବିଜେକାହାଳୀ ୬ଟି, ଚାମର ୮ଟି, ବାଙ୍କଚ୍ଛୁରି ୪ଟି ରହିଛି।। ଏହା ନିହାତି ଏକ ବିରଳ ସଂଗ୍ରହାଳୟ ; ଯାହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଗବେଷକମାନେ ଆସିଥାନ୍ତି।

**–ବନବିହାରୀ**

# ହରିହରଙ୍କ କାଠ କାରିଗରୀ

**ଓ**ଡ଼ିଶାର ବିଭିନ୍ନ କଳାକାରିଗରୀ ଭିତରେ କାଠର ତିଆରି କଳାକୃତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପୂରାତନ ସମୟରୁ ଆଜି ଯାଏଁ ଏହି କଳାକୃତିର ଲୋକପ୍ରିୟତା ବଜାୟ ରହିଛି। ସେଥିପାଇଁ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ କାଠ କାରିଗରଙ୍କୁ ଦେଖିବାକୁ ମିଳେ। ତେବେ ଏମାନଙ୍କ ମଧ୍ୟରେ ବି କିଛି ନିଆରା ଶିଳ୍ପୀ ଅଛନ୍ତି ; ଯାହାଙ୍କ କାରିଗରୀ ଦେଖିଲେ କିଏ ବି ମନ୍ତ୍ରମୁଗ୍ଧ ହୋଇଯିବ। ଏମିତି ଜଣେ ଶିଳ୍ପୀ ହେଲେ ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳର ହରିହର ନାୟକ। ସେ କୁହନ୍ତି, '' ପିଲାଦିନେ ଡଙ୍ଗାମଙ୍ଗରେ ଅଙ୍କନ ହୋଇଥିବା ହଂସଚିତ୍ରକୁ ଦେଖି କାଠ ଖୋଦେଇ କଳା ପ୍ରତି ମନ ବଳିଥିଲା। ଘରେ ବି ବାପା କାଠଖୋଦେଇ କରି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ତିଆରି କରୁଥିଲେ। ସେହି ମୂର୍ତ୍ତିଗୁଡ଼ିକୁ ଦେଖିଦେଖି ତା'ର ଚିତ୍ରକୁ କାଗଜ ପେନ୍‌ସିଲରେ ଅଙ୍କନ କରୁଥିଲି। ୩ୟ ଶ୍ରେଣୀରେ ପଢ଼ା ବେଳେ ଥରେ ସାର୍ କହିଲେ ଗୋଟିଏ ଆମ୍ବର ଚିତ୍ର ଆଙ୍କିବାକୁ । ତତ୍‌କ୍ଷଣାତ୍ ଆମ୍ବଚିତ୍ରକୁ ଆଙ୍କିଦେବାରୁ ସାର୍ ମତେ ବହୁତ ପ୍ରଶଂସାକରି କହିଥିଲେ,ଏ ପିଲା ଦିନେ ବଡ଼ଶିଳ୍ପୀ ହେବ । କିନ୍ତୁ ଘରର ଅଭାବ ଯୋଗୁ ୯ମ ପଢ଼ାରେ ଡୋରି ବନ୍ଧା ହେଲା। ତା'ପରେ ଘରଚଳିବା ପାଇଁ ବାପାଙ୍କ ସହିତ ନଦୀକୁ ମାଛ ଧରିବାକୁ ଯାଉଥିଲି। ପୁଣି ବେଳେବେଳେ ବାପାଙ୍କ ସହିତ ସମ୍ବଲପୁର ଯାଇ କିଛି ଘରକରଣା ଜିନିଷ ଆଣି କଟକରେ ବିକ୍ରି କରୁଥିଲି । ହେଲେ ବେପାର ଠିକ୍‌ରେ କରିପାରିଲି ନାହିଁ । କାଠଖୋଦେଇରେ ମନ ରହିଲା । ସେଥିପାଇଁ ପ୍ରଥମେ ମହାପ୍ରଭୁ ଶ୍ରୀନୀଳମାଧବଙ୍କ ଏକ ଚିତ୍ରକୁ କାଠରେ ଖୋଦେଇ କରିଥିଲି। ସେବେଠାରୁ ଆଉ ପଛକୁ ଫେରିନାହିଁ। ପ୍ରାୟ ୧୨ଇଞ୍ଚ ଲମ୍ବ ୬ଇଞ୍ଚ ଓସାର, ୪ଇଞ୍ଚ ମୋଟାର ଏକ ଗମ୍ଭାରୀ କାଠପଟାରେ ପ୍ରଜାପତି ଆକୃତିର ( ପୋଥି ରଖିବା ଆସନ) ଯାହାକୁ ବ୍ୟାସ ଆସନ କୁହାଯାଏ। ତା'ର ଦୁଇପାର୍ଶ୍ୱରେ ପୌରାଣିକ, ଦ୍ୱାପର ଓ ତ୍ରେତୟା ଯୁଗର କଥାବସ୍ତୁକୁ ଖୋଦେଇ କରିଥିଲି। ଏଥିପାଇଁ ମତେ ପ୍ରାୟ ୨ମାସ ସମୟ ଲାଗିଥିଲା। ସେଥିରେ ଗୋଟେ ପାର୍ଶ୍ୱରେ ଶ୍ରବଣ କୁମାର ଅନ୍ଧ ମାତାପିତାଙ୍କୁ କାନ୍ଧରେ ଭାର ବୋହି ନେଉଥିବାର ଚିତ୍ର ଅପରପାର୍ଶ୍ୱରେ କାଳ୍ପନିକ ନୟନ କୁମାର ଓ ତାଙ୍କ ପତ୍ନୀଙ୍କୁ ବୃଦ୍ଧ ମାତାପିତା ବୋହୁଥିବାର ଚିତ୍ର ଖୋଦେଇ କରିଥିଲି। ପରେ ପରେ ପାରମ୍ପରିକ କଥାବସ୍ତୁକୁ ନେଇ ଅନେକ କଳାକୃତି ତିଆରି କରିଛି। କାଠଖୋଦେଇରେ ଏକ ପୋଥି ବି ତିଆରି କରିଛି। ଏଥିପାଇଁ ସମ୍ମାନିତ ଓ ପୁରସ୍କୃତ ହୋଇଛି। ଏବେ ଗାଁର ଆଗ୍ରହୀ ଯୁବକମାନଙ୍କୁ କାଠଖୋଦେଇ ଶିଳ୍ପୀକାମ ତାଲିମ ଦେଉଛି। ଏହି କାଠଖୋଦେଇ କଳା କାରିଗରୀ କିପରି ଆହୁରି ସୁଦୂର ପ୍ରସାରୀ ହେବ ତାହା ହିଁ ମୋର ସ୍ୱପ୍ନ।

**– ଅଜୟ କୁମାର ମହାରଣା**







ରୂପଶ୍ରୀ

# ହାଃ ହାଃ

## ଖୁଆଉଥିଲ

ସ୍ତ୍ରୀ ସ୍ୱାମୀଙ୍କୁ: ତମର ମନେ ଅଛି, ନୂଆ ନୂଆ ବାହାଘର ସମୟରେ ମୁଁ ଯାହା ରୋଷେଇ କରୁଥିଲି ତମେ କମ୍ ଖାଉଥିଲ। ମତେ ଖୁବ୍ ସ୍ନେହରେ ବେଶୀ ବେଶୀ ଖୁଆଇ ଦେଉଥିଲ।
ସ୍ୱାମୀ: ହଁ, ମନେ ଅଛି।
ସ୍ତ୍ରୀ: ଏବେ ତ କାହିଁ ସେମିତି କରୁନ।
ସ୍ୱାମୀ: ସେତେବେଳେ ତମେ ରୋଷେଇ ଶିଖି ନ ଥିଲ, ଏବେ ଶିଖି ଗଲଣି। ସେଥିପାଇଁ ଆଉ ଖୁଆଇବାକୁ ପଡୁନି। ନିଜେ ଖାଇ ଦେଉଛି।

## ବଦ୍‌ମାସ୍

ଥରେ ଦୁଇଟି ମୂଷା ବାଇକ୍‌ରେ ଯାଉଥାନ୍ତି। ରାସ୍ତାରେ ଏକ ବାଘ ଛୁଆ ଦେଖିଲେ। ବାଘ ଛୁଆ ସେମାନଙ୍କୁ ଅଟକାଇ କହିଲା: ମତେ ଟିକେ ତମ ସାଙ୍ଗରେ ବାଇକ୍‌ରେ ନେବ?
ଦୁଇ ମୂଷା: ଆମେ ମନା କରୁନୁ ତତେ ନେବାକୁ। ହେଲେ ତୋ ମା' ଯଦି ଦେଖିନେବେ ତା'ହେଲେ ଦୁଇ ବଦ୍‌ମାସ୍ ଗୁଣ୍ଡାସହ ବୁଲୁଛୁ କହି ତତେ ଖୁବ୍ ପିଟିବେ।

## ନାଁ

କୁକୁଡ଼ା ଚିଆଁ ତା' ମା'କୁ: ମଣିଷ ଛୁଆ ଜନ୍ମ ହେବା ମାତ୍ରେ ତାଙ୍କୁ ଗୋଟେ ନାଁ ଦିଆଯାଉଛି। ହେଲେ ଆମର କାହିଁକି ରଖା ଯାଉନି?
ମା' କୁକୁଡ଼ା: କାହିଁକି ନା ଆମ କୁକୁଡାମାନଙ୍କର ନାମକରଣ ଆମର ମୃତ୍ୟୁ ପରେ ରଖାଯାଏ। ଯେମିତିକି ଚିକେନ୍ ଟିକ୍କା, ଚିଲି ଚିକେନ୍, ଚିକେନ୍ ତନ୍ଦୁର..।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ଭାନଗଡ଼ ଦୁର୍ଗ







**ରାଜସ୍ଥାନର ଅଲୱର ଜିଲାରେ ଥିବା ଭାନଗଡ଼ ଦୁର୍ଗର ଆକର୍ଷଣୀୟ ବାସ୍ତୁକଳା, ଦୁର୍ଗ ଚତୁଃପାର୍ଶ୍ୱର ପ୍ରାକୃତିକ ଦୃଶ୍ୟ ତଥା ଏଠାକାର ନିରୋଳା ପରିବେଶ ଯେ କୌଣସି ପର୍ଯ୍ୟଟକଙ୍କୁ ବି ଆକର୍ଷିତ କରିପାରେ। ଖାସ୍ ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳେ...**

**ଆ**କର୍ଷଣୀୟ ବାସ୍ତୁକଳାରେ ପରିପୂର୍ଣ୍ଣ ଭାନଗଡ଼ ଦୁର୍ଗ ହେଉଛି ରାଜସ୍ଥାନର ଏକ ନିଆରା ପର୍ଯ୍ୟଟନସ୍ଥଳୀ। ଏହି ଦୁର୍ଗର ଅଧିକାଂଶ ଭାଗ ଭଗ୍ନ ଅବସ୍ଥାରେ ଥିଲେ ବି ଏଠାକୁ ବୁଲିଗଲେ ଅନେକ କିଛି ନୂଆ କଥା ଜାଣିବାକୁ ମିଳିଥାଏ। ତା'ଛଡ଼ା ଏଠାକାର ଶାନ୍ତ ପରିବେଶ ବି ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ସେଥିପାଇଁ ଶାନ୍ତିପ୍ରିୟ ବ୍ୟକ୍ତି ତଥା ଐତିହାସିକମାନଙ୍କର ଏଠାରେ ବେଶ୍ ଭିଡ଼ ଜମେ।

### ଦୁର୍ଗର ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ଦୁର୍ଗଟିକୁ କୁଆଡ଼େ ଷୋଡ଼ଶ ଶତାବ୍ଦୀ ସମୟରେ ତିଆରି କରାଯାଇଥିଲା। ପ୍ରଥମେ ଏହାକୁ ରାଜା ଭଗୱନ୍ତ ଦାସ ନିର୍ମାଣ କରାଇଥିଲେ। ସମୟକ୍ରମେ ଏହି ଦୁର୍ଗଟି ତାଙ୍କର ଦ୍ୱିତୀୟ ପୁତ୍ର ମାଧୋ ସିଂହଙ୍କ ହାତକୁ ଯାଇଥିଲା ଏବଂ ସିଏ ଏହାର ଦେଖାଚାହାଁ କରୁଥିଲେ। ଚତୁଃପାର୍ଶ୍ୱରୁ ଉଚ୍ଚ ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ଏହି ଦୁର୍ଗଟିର ବାସ୍ତୁକଳା ଦେଖିବାକୁ ବେଶ୍ ମନୋରମ ହୋଇଥାଏ। ଉକ୍ତ ଦୁର୍ଗଟିରେ ୫ଟି ଦ୍ୱାର ଏବଂ ଗୋଟିଏ ମୁଖ୍ୟ ପ୍ରାଚୀର ଥିବାର ଦେଖିବାକୁ ମିଳେ। ତା'ଛଡ଼ା ଏହି ଦୁର୍ଗଟିର ପରିସୀମା ଏତେ ବଡ଼ ଯେ, ଏହା ମଧ୍ୟରେ ଭଗବାନ ଶିବ ଓ ପ୍ରଭୁ ହନୁମାନଙ୍କୁ ସମର୍ପିତ ଦୁଇଟି ସୁନ୍ଦର ମନ୍ଦିର ତଥା ଏକାଧିକ ଭଗ୍ନ ପ୍ରାସାଦ ଥିବାର ପର୍ଯ୍ୟଟକ ଦେଖିପାରିବେ। ବର୍ତ୍ତମାନ ଏହି ଦୁର୍ଗଟିର ଅଧିକାଂଶ ଭାଗ ଭଗ୍ନ ଅବସ୍ଥାରେ ଅଛି ଏବଂ ଏହାର ରକ୍ଷଣାବେକ୍ଷଣର ଦାୟିତ୍ୱ ଭାରତ ସରକାର ବୁଝୁଥିବା ସୂଚନା ରହିଛି।

### ଦୁର୍ଗକୁ ନେଇ କିଛି ରୋଚକ କଥା

ଏହି ଦୁର୍ଗଟିର ଅଧିକାଂଶ ଭାଗ ଭଗ୍ନ ଅବସ୍ଥାରେ କାହିଁକି ରହିଛି ; ତାହାକୁ ନେଇ ସ୍ଥାନୀୟ ଲୋକେ ଭିନ୍ନ ଭିନ୍ନ କଥା କହିଥାନ୍ତି। କେହି କେହି ଏହା ବେଶି ପୁରୁଣା ହୋଇଯାଇଥିବା ଯୋଗୁ ଭାଙ୍ଗି ଯାଇଥିବା କଥା କହୁଥିବାବେଳେ ଆଉ କିଛି ଲୋକ ଏହା ସାଧୁଙ୍କ ଅଭିଶାପର ଫଳ ବୋଲି ମତ ଦେଇଥାନ୍ତି। ଅର୍ଥାତ୍ ଏଠାରେ କୁଆଡ଼େ ଦୁର୍ଗ ତିଆରି ହେବା ପୂର୍ବରୁ ଜଣେ ସାଧୁ ବସବାସ କରୁଥିଲେ। ଦୁର୍ଗ ନିର୍ମାଣ ପାଇଁ ରାଜା ତାଙ୍କଠାରୁ ଅନୁମତି ଲୋଡିଲାବେଳେ ସେ କହିଥିଲେ, ଦୁର୍ଗର ଛାଇ ଯେମିତି ତାଙ୍କ କୁଡ଼ିଆ ଉପରେ ନ ପଡ଼େ। କିନ୍ତୁ ଦୁର୍ଗର ନିର୍ମାଣ କାର୍ଯ୍ୟ ଶେଷ ହେଲାବେଳ ଏହାର ଛାଇ ସାଧୁଙ୍କ କୁଡ଼ିଆ ଉପରେ ପଡିଲା ; ଯେଉଁଥିପାଇଁ ସାଧୁ ଭୀଷଣ ରାଗି ଯାଇଥିଲେ। ଆଉ ଅଭିଶାପ ଦେଇଥିଲେ, ଦୁର୍ଗଟି ଶୀଘ୍ର ଭାଙ୍ଗିଯିବ ଆଉ ଏଠାରେ କେହି ବି ରହିପାରିବେ ନାହିଁ। ସତକୁ ସତ ଏହି ଦୁର୍ଗଟିର ଅଧିକାଂଶ ଭାଗ ଏବେ ଭଗ୍ନ ଅବସ୍ଥାରେ ରହିଛି। କେହି କେହି ତ ଏଠାରେ ଭୂତ ରହୁଥିବା କଥା ବି କହିଥାନ୍ତି। କିନ୍ତୁ ଏହା ପଛରେ କେତେ ସତ୍ୟତା ରହିଛି ; ତାହା ଏଯାଏ ପ୍ରମାଣ ହୋଇନାହିଁ। ତଥାପି ବି ଏଠାରେ ସନ୍ଧ୍ୟା ପରେ କେହି ରହିବାକୁ ଇଚ୍ଛା କରନ୍ତି ନାହିଁ।

### ଆଉ କ'ଣ ଦେଖିବେ

ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଉଚ୍ଚ ଉଚ୍ଚ ପାହାଡ଼ ଦେଖିବା ସହ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ। ତା'ସହିତ ଦୁର୍ଗର ନିଖୁଣ କାରୁକାର୍ଯ୍ୟକୁ ଦେଖି ନିଆରା ଅନୁଭୂତି ସାଉଁଟିପାରିବେ। ଏହାଛଡ଼ା ଏହି ଦୁର୍ଗଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ଏକ ଝରଣା ଆଡ଼େ ବି ବୁଲିଯାଇପାରିବେ। କେବଳ ସେତିକି ନୁହେଁ ଉକ୍ତ ଦୁର୍ଗଠାରୁ ମାତ୍ର କେଇ ମାଇଲ୍ ଦୂରରେ ଗୋଲା କା ବାସ୍ ନାମରେ ଏକ ଗାଁ ରହିଛି ; ଯେଉଁଠି ପ୍ରାୟ ଏକ ହଜାର ଲୋକ ବାସ କରିଥାନ୍ତି। ପର୍ଯ୍ୟଟକ ଚାହିଁଲେ ସେଠାକୁ ବୁଲିଯାଇ ସେହି ଗ୍ରାମବାସୀଙ୍କର ଚାଲିଚଳଣ, ସଂସ୍କୃତି, ପରମ୍ପରା ସମ୍ପର୍କରେ ଅନେକ ନୂଆ କଥା ଜାଣିପାରିବେ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲି ଯାଇହେବ। ସୁଚନାନୁଯାୟୀ, ଏହି ଦୁର୍ଗଟି ଦିଲ୍ଲୀଠାରୁ ପ୍ରାୟ ୨୩୫ କି.ମି ଦୂରରେ ଅବସ୍ଥିତ। ଜୟପୁର ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର ; ଯାହାକି ଉକ୍ତ ଦୁର୍ଗଠାରୁ ପ୍ରାୟ ୮୦ କି.ମି ଦୂରରେ ଅବସ୍ଥିତ। ସେହିପରି ଅଲୱର ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏହି ଦୁର୍ଗର ନିକଟବର୍ତ୍ତୀ ରେଳଷ୍ଟେଶନ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ଯୋଗେ ଯାଇ ପ୍ରଥମେ ଅଲୱରରେ ପହଞ୍ଚି, ପରେ ସେଠାରୁ ଟ୍ୟାକ୍ସିରେ ଆସି ଏହି ଦୁର୍ଗ ନିକଟରେ ପହଞ୍ଚିପାରିବେ।





# ତିନି ବାଦଶାହଙ୍କର ନିଶ ଥିବାବେଳେ ଚତୁର୍ଥ ବାଦଶାହଙ୍କର ନ ଥାଏ କାହିଁକି



**ତାସ୍ ଏମିତି ଏକ ଖେଳ ଯାହାକୁ କି ସାରା ପୃଥିବୀରେ ଭିନ୍ନ ଭିନ୍ନ ନିୟମ ଓ ଭିନ୍ନ ଭିନ୍ନ ପ୍ରକାରରେ ଖେଳାଯାଏ। ଏହି ତାସ୍‌ର ଗୋଟେ ଡେକ୍‌ରେ ୫୨ଟି କାର୍ଡ ଥାଏ। ଆଉ ଏହି ୫୨ କାର୍ଡ ଭିତରେ ୪ଟି ବାଦଶାହ୍ କାର୍ଡ ଥାଏ, ଯାହାକି ଅଲଗା ଅଲଗା ପ୍ରକାରର ହୋଇଥାଏ। ହେଲେ କେବେ ଲକ୍ଷ୍ୟ କରିଛନ୍ତି କି ତାସ୍ ଡେକ୍‌ରେ ୪ ବାଦଶାହ ଭିତରୁ ତିନି ବାଦଶାହଙ୍କର ନିଶ ଥାଏ। ହେଲେ ଜଣଙ୍କର ନ ଥାଏ। ହେଲେ ଏମିତି କାହିଁକି ଜାଣନ୍ତୁ ଏହାପଛର କାରଣ...**

**ତା**ସ୍ ଡେକ୍‌ରେ ୫୨ଟି କାର୍ଡ ଥାଏ। ଯାହା ଭିତରେ ଇକ୍କାରୁ ୧୦ ପର୍ଯ୍ୟନ୍ତ ୧୦ଟି କାର୍ଡ ଥାଏ। ଏହାବାଦ୍ ବାଦଶାହ, ବେଗମ୍, ଗୁଲାମ ଥାଏ। ଏହି ତାସ୍ ପତା ପୁଣି ଚାରି ପ୍ରକାରର ହୋଇଥାଏ। ଯେମିତିକି ଲାଲ ପାନ୍, ଚିଡି, ଠିକିରି ଓ କଳାପାନ ଆଦି। ଏହି ଚାରି ପ୍ରକାରର ୧୩-୧୩ଟି କାର୍ଡ ଥାଏ। ଯାହାକି ସମୁଦାୟ ୫୨ଟି କାର୍ଡ ହୁଏ। ଏଥିରେ ଚାରି ପ୍ରକାରର ବାଦଶାହ ଥାଆନ୍ତି। ଏହି ସବୁ ବାଦଶାହ ଦେଖିବାକୁ ପ୍ରାୟ ଏକାପରି। ହେଲେ ନିରିଖେଇ ଦେଖିଲେ ଜାଣିପାରିବେ ଲାଲ ପାନର ବାଦଶାହ ଅନ୍ୟ ତିନି ପ୍ରକାରର ବାଦଶାହଙ୍କ ଲୁକ୍‌ଠାରୁ ସାମାନ୍ୟ ଭିନ୍ନ। କାରଣ ଲାଲପାନ ବାଦଶାହ୍‌ଙ୍କର ନ ଥାଏ ନିଶ।

ପ୍ରାୟ ସବୁ ତାସ୍ ଡେକ୍‌ରେ ଲାଲପାନ ବାଦଶାହଙ୍କ ଲୁକ୍ ଏମିତି ହିଁ ଥାଏ। କିଛି ତଥ୍ୟାନୁସାରେ ଯେବେ ତାସ୍ ଖେଳ ଆରମ୍ଭ ହୋଇଥିଲା ସେତେବେଳେ ଲାଲପାନ ବାଦଶାହର ନିଶ ଥିଲା। ହେଲେ ସମୟ କ୍ରମେ ସେ ନିଶ ଉଭେଇଗଲା। ଏହାପଛରେ ଏକ ମଜାଦାର କଥା ରହିଛି। କଥା କ'ଣ କି ସେହି ସମୟରେ କାର୍ଡର ଡିଜାଇନ୍ କରିବା ଲାଗି କାଠର ଷ୍ଟାମ୍ପ ବ୍ୟବହାର କରାଯାଉଥିଲା। ଷ୍ଟାମ୍ପରେ ରଙ୍ଗ ଲଗାଇ କାର୍ଡ ଉପରେ ଛପା ଯାଉଥିଲା। ଏହାପରେ ହାତରେ ଭଲଭାବେ ତା'ଉପରେ ଅଙ୍କାଯାଇ ଆକୃତିକୁ ସ୍ପଷ୍ଟ ରୂପ ଦିଆଯାଉଥିଲା। ହେଲେ ସମୟକ୍ରମେ କାଠର ଷ୍ଟାମ୍ପ ବହୁଳ ବ୍ୟବହାର ହେବା ଯୋଗୁ ତାହା ଖରାପ ହେବାକୁ ଲାଗିଲା। ସେଥିରୁ ଡିଜାଇନ୍ ନଷ୍ଟ ହେବାକୁ ଲାଗିଲା। କୁହାଯାଏ ଖାସ୍‌କରି ଲାଲପାନ୍ ବାଦଶାହ କାର୍ଡର ନିଶ ଭାଗ ନଷ୍ଟ ହେଇଗଲା। ଫଳରେ ସେଥିରେ ରଙ୍ଗ ଲଗାଇ କାର୍ଡ ଉପରେ ଛପା ଯିବାବେଳେ ନିଶ କାର୍ଡରୁ ଗାୟବ ହେଇଗଲା। ଅର୍ଥାତ୍ ନିଶ ଛପିଲା ନାହିଁ। ଏହିଭଳି ଭାବେ ହିଁ ବିନା ନିଶରେ ଲାଲପାନ ବାଦଶାହ ଛପା ହେବାକୁ ଲାଗିଲା। ଆଉ ଏହିଧାରା ଜାରି ରହିଲା। ଫଳରେ ଅଧିକାଂଶ ତାସ୍ ବିଡାରେ ଲାଲପାନ ବାଦଶାହଙ୍କ ନିଶ ରହିଲା ନାହିଁ। ଏହାପରେ ଅନେକ ଦେଶ ନିଜ ଅନୁସାରେ ତାସ୍‌ର ଡିଜାଇନ୍ ବି ବଦଳାଇଛନ୍ତି। ହେଲେ ମୂଳ ଡିଜାଇନ ଏହା ହିଁ ଚାଲିଲା। ତେବେ ଏବେ ଯେଉଁ ତାସ୍‌ର ଅସ୍ତିତ୍ୱ ଅଛି ତାହାର ଡିଜାଇନ୍ ପଞ୍ଚଦଶ ଶତାବ୍ଦୀରେ ଫ୍ରାନ୍ସରେ କରାଯାଇଥିଲା।





# କେକର୍‌ଙ୍କ କରାମତି





**ଗୁ**ଏନ୍ ଭୁ ହୋଆଙ୍ଗ ଆନ୍‌ହ ହେଉଛନ୍ତି ଭିଏତ୍‌ନାମର ଜଣେ ସୃଜନଶୀଳ କେକ୍ ଆର୍ଟିଷ୍ଟ। ସେ କେକ୍‌ରେ ତିଆରି କରନ୍ତି ସୁନ୍ଦର ଆରିଷ୍ଟୋକ୍ରାଟିକ୍ ଡ୍ରେସ୍‌ର ମିନିଏଚର କଳାକୃତି। ଏହି ମିନି କେକ୍ ଡ୍ରେସ୍‌ଗୁଡିକର ପ୍ରତି କୁଞ୍ଚ ଓ ଡିଜାଇନ୍ ବେଶ୍ ବାସ୍ତବ ଲାଗେ। ତାଙ୍କର ଏହି କଳାକୃତି ଏବେ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଁଟୁଛି। ତେବେ ଗୁଏନ ଭୁ ହୋଆଙ୍ଗ ପ୍ରଥମେ ଏଭଳି କେକ୍ ମିନିଏଚର୍ ଡ୍ରେସ୍ କରୁ ନ ଥିଲେ। ସେ କେକ୍‌ରେ ଫୁଲ, ପତ୍ର ଓ କାର୍ଟୁନ କ୍ୟାରେକ୍ଟର ଅବିକଳଭାବେ କରୁଥିଲେ। ଏହାପରେ ସେ ଅନୁଭବ କଲେ ଯେ, ତାଙ୍କୁ ଆହୁରି ଅଧିକ କିଛି କରିବାକୁ ହେବ। ତେଣୁ ଏହି ଆରିଷ୍ଟୋକ୍ରାଟିକ ଗାଉନ୍‌ର ମିନିଏଚର୍ କରିବା ଆରମ୍ଭ କଲେ। ଏଥିପାଇଁ ସେ ବହୁତ ରିସର୍ଚ୍ଚ କଲେ। ପ୍ଲିଟ୍‌ରୁ ଆରମ୍ଭ କରି ବିଭିନ୍ନ ଫୋଲ୍ଡ, ନୂଆ ନୂଆ ଡିଜାଇନ୍ ଆଦି କରିବାକୁ ଅଭ୍ୟାସ କଲେ। ଶେଷରେ ସେ ଏତେ ସିଦ୍ଧହସ୍ତ ହୋଇଗଲେ ଯେ, କେକ୍‌ରେ ତିଆରି ତାଙ୍କ ଗାଉନ୍‌ଗୁଡିକ ସତସତିକା ଗାଉନ୍ ଭଳି ହେଇପାରିଲା। ଗୋଟିଏ କେକ୍ ଡ୍ରେସ୍ କରିବା ଲାଗି ତାଙ୍କୁ ୩-୫ ଦିନ ଲାଗିଥାଏ। ତାଙ୍କ ଗାଉନ୍ କେକ୍‌ର ମୂଲ୍ୟ ୩-୫ ମିଲିୟନ ଡଲାର ହୋଇଥାଏ। ଡିଜାଇନ୍ ଯେତେ ଜଟିଳ କେକ୍‌ର ମୂଲ୍ୟ ସେତେ ଅଧିକ ହୁଏ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ବାଣ-ନିର୍ବାଣ

ଆଜିର ଆଧୁନିକ ଯୁଗରେ ବାଣର ଟାଣପଣ ତଥା ତା'ର ମହତ୍ତ୍ୱ ଗୁଣ ବିଷୟରେ ପିଲାରୁ ବୃଦ୍ଧ ଯାଏ ଢେରରେ ବୁଝନ୍ତି । ତା' ନ ହୋଇଥିଲେ ବାଣ ପ୍ରସ୍ତୁତି, କ୍ରୟ -ବିକ୍ରୟ ଏତେ ବଢୁଛି କେମିତି ? ଏହି ବାଣର ଜନ୍ମ କେବେ କେମିତି ହେଲା, କେଉଁ ଉଦ୍ଦେଶ୍ୟରେ ହେଲା ଜାଣିବାକୁ ଥରେ ଜଣେ ମଉସାଙ୍କୁ ପଚାରିଲି। ସିଏ ଯାହା କହିଲେ, ତା'ର ପ୍ରମାଣ ଦେବାକୁ ମୋ ପାଖରେ କିଛି ନାହିଁ । କାରଣ ମଉସାଙ୍କ ସ୍ୱର୍ଗବାସ ଗଲା ଫନି ବାତ୍ୟା ବେଳରୁ ହୋଇ ସାରିଛି । ତେବେ ତାଙ୍କ କଥାଟା ମୁଁ ଆପଣଙ୍କୁ କହୁଛି । ସେ କହିଲେ, କୋଉକାଳେ କୁଆଡ଼େ ନାରାୟଣ ଚାରି ହାତିଆ ମୂରତିରେ ବାଇ ମହାନ୍ତିଙ୍କୁ ସପନରେ ସାକ୍ଷାତେ ଦର୍ଶନ ଦେଇ କହିଲେ,-ବାଇଧର ! ତୁ ମୋ ଭକତ ବୋଲି ଖୋଲି କହୁଛି ଅନ୍ତର କଥା ମୋର । ଆଉ କାହାଠି ଭରସା ପାଉନି ବୋଲି ତତେ କହିଲି । ଶୁଣ୍ ! ତୁ ତ ରଜାଙ୍କ ପାଖ ଲୋକ । ତାଙ୍କ ତହବିଲ ହିସାବପତ୍ର ରଖୁଛୁ, ହିସାବ କରୁକରୁ ତାଙ୍କ ପ୍ରିୟଲୋକ ହେଇଚୁ । ଆମ ଦୁଃଖ ରଜାଙ୍କୁ ଜଣେଇବୁ... ମୁଁ କି ମୋ ପରିବାର-ଦେବଗଣ, ମର୍ତ୍ତ୍ୟର ନରଗଣଙ୍କ ନିମନ୍ତ୍ରଣ କ୍ରମେ ନାନା ପର୍ବ-ପର୍ବାଣିରେ ଅବତରଣ କରୁଅଛୁ, ଦୁଃଖରେ ହାଜିରା ପକେଇ ଫେରୁଛୁ । ତ୍ରେତୟା ଯୁଗରେ ରାମ-ରାବଣ ଯୁଦ୍ଧବେଳେ ଯେମିତି ବାଣାସ୍ତ୍ରରେ ଯୁଦ୍ଧ ହେଉଥିଲା, ସେଥିରେ ଗୋଟାଏ ପକ୍ଷରୁ ଅଗ୍ନି-ବାଣାସ୍ତ୍ର ଛାଡ଼ିଦେଲେ, ଆରପକ୍ଷ ବରୁଣଙ୍କ ବାଣ-ଜଳାସ୍ତ୍ର ନିକ୍ଷେପ କରି, ତାକୁ ପ୍ରତିହତ କରୁଥିଲେ । ସେତେବେଳେ ଯୋଉ ଖୁସି ଲାଗୁଥିଲା, ଏବେର ଖଣ୍ଡା ଧନୁ ଯୁଦ୍ଧରେ ସେମିତି ଦେଖିବାକୁ ମିଳୁନି । ଦ୍ୱାପର ଯୁଗରେ ତ ଭୀମର ଗଦା କି ଅର୍ଜୁନଙ୍କ ଧନୁଶରରେ କୌରବଙ୍କୁ ମାରୁମାରୁ, ତ୍ରେତୟାର ବାଣାସ୍ତ୍ରର ଗୌରବ ସବୁ ଭୁଲିଗଲେ । ଆଉ ଯଦି ଆମ୍ଭର ସେଇ ପୂର୍ବ ଗୌରବ ରକ୍ଷା ପାଇଁ ଯେବେ ଲୋକେ ବାଣ ଫୁଟେଇ ଡୋ ଡା... ସୁ... ସା, ଝରଝର-ସର ସର ଶବଦରେ ଆବାହନ ବିସର୍ଜନ ନ କରିବେ, ତା'ହେଲେ ଦେବତାଗଣ ଆସିବାକୁ ଅମଙ୍ଗ ହେବେ ଅଶାନ୍ତିରେ ଫେରିବେ। ତେବେ ରାଇଜ ଦେଶର ଘୋର ଅମଙ୍ଗଳ ହେବ । ତେଣୁ ରଜାଙ୍କୁ ବୁଝାଅ, ଯେମିତି ବାଣ ଫୁଟେଇବା ପ୍ରଥା ପ୍ରଚଳନ କରି ସଭିଙ୍କ ମଙ୍ଗଳ କରାଇବେ । ସେଇଦିନ ସକାଳୁ ସପନ ବୃତ୍ତାନ୍ତ ବୁଝାଇବାରୁ ରଜା ରାଜି ହୋଇଗଲେ । ମାତ୍ର ରଜା, ପଚାରିଲେ.. ବାଇଧର ! ଏ ବାଣ ଫୁଟାଯାଏ କି ପ୍ରକାର ? କ'ଣ ଛୁଞ୍ଚିରେ ନା ଡାମ୍ଫଣରେ ? ଠିକ୍‌ରେ ଉତ୍ତର ଦେଇ ଆମ୍ଭ ସନ୍ଦେହ ମୋଚନ କର ! ବାଇଧର ହସିବା ମାନେ ରଜାଙ୍କୁ ଉପହାସ ହେବ ଭାବି, ହସକୁ ପେଟରେ ଚାପି କହିଲେ, ନାଇଁ ସାଆନ୍ତେ । ବାଣର ଯୋଉ ଲାଙ୍ଗୁଡ଼ ଝୁଲୁଥାଏ, ସେଥିରେ ନିଆଁ ଚେଙ୍ଗିଦେଲେ, କିଏ ବେଙ୍ଗ ଭଳିଆ ଫକଫକ ହୋଇ ଡେଇଁବ ତ ଆଉ କୋଉ ବାଣରେ ନିଆଁ ଲଗେଇଲେ, କୁକୁର ପଛ ଦରଜାରେ ଧାନୁଆ ଲଙ୍କା ଭାଙ୍ଗି ଘଷିଦେଲେ, ଯେମିତି ଅମାପ ବେଗରେ ଗର୍ଜନକରି ଧାଇଁଲା ଭଳିଆ ଦିଗ ବାଗ ନ ମାନି ଧାଇଁବ । ପୁଣି ଆଉକିଏ ଦିବ୍ୟ-ଯାନ ପରି ଗଗନ ପବନ ଭେଦକରି ଉପରେ ଅଗ୍ନି-ପୁଷ୍ପ ବୃଷ୍ଟିକରି ଠୋ ଠା, ଢୋ ଢା ଶବ୍ଦକରି କର୍ଣ୍ଣ କମ୍ପମାନ କରେଇବ... । ସେବେଠୁ କିଛି ବୁଦ୍ଧିଆଲୋକ ବାଣ ତିଆରି ବିକ୍ରିରେ ଲାଗିଲେ ; ଯାହା ପରେ ପରେ ପରମ୍ପରା ହେଇଗଲା । ଧୀରେ ଧୀରେ ବର ବରଯାତ୍ରୀ ବାହାହେବାକୁ ଗଲାବେଳେ ବାଜା ସଙ୍ଗେ ଏହାକୁ ଯୋଡ଼ି ଶବ୍ଦରେ କମ୍ପେଇଲେ । ଆଗ ବାଜାଠାରୁ ବାଣ ଫୁଟା ଶବ୍ଦ ବଳିଯିବାରୁ, କିଛି ଅତିବୁଦ୍ଧିଆ ଭୂଇଁକମ୍ପା ଡିଜେ ବାଜା ବଜେଇ ହୃଦ୍‌ଘାତିଆ କର୍ମରେ ବାହାଦୁରି ଦେଖେଇଲେ । ମାତ୍ର ବାଣର ଟାଣୁଆ ଶକ୍ତି ଡିଜେ ଠୁ ବଳକା ହେଲା-ଲୋକଙ୍କୁ ଶୀଘ୍ର



ନିର୍ବାଣ ଦେବା କ୍ଷେତ୍ରରେ । ଡିଜେରେ ସିନା ଦୁର୍ବଳିଆ ହୃଦୟବାଲା ନିର୍ବାଣ ପାଇ ଯାଉଛନ୍ତି, ହେଲେ ବାଣର ଭଲଗୁଣ ହେଲା, ସେ ଧନୀ-ଗରିବ, ଟୋକା-ବୁଢ଼ା, ସବଳ-ଦୁର୍ବଳ ଦେଖେନାହିଁ । ଇଚ୍ଛାକଲେ ଏକାଧିକ ଲୋକଙ୍କୁ ଏକାବେଳେ ବାଇଗଣ ପୋଡ଼ିଲା ଭଳିଆ ପୋଡ଼ିପାରେ । ବିନା ନିମନ୍ତ୍ରଣରେ ଘରେ ପଶି ଘର ଜାଳିପାରେ । ଅନେକଙ୍କୁ ମେଡିକାଲର ନରମ ଗଦିଖଟିଆରେ ଘୋଡ଼ାଘୋଡ଼ିକରି ଶୁଆଇ ନିର୍ବାଣ ପ୍ରାପ୍ତ କରାଇପାରେ । ଗତ କିଛିଦିନ ତଳେ ଘଟିଥିବା ଘଟଣାରେ ଏହାକୁ କେହି ମିଛ କହି ଉଡ଼େଇ ପାରିବେନି ଯେ ବାଣ ଶକ୍ତିହୀନ ଦୁର୍ବଳ ବୋଲି । ଏହିସବୁ ସତ୍ୟ ଓ ଶକ୍ତି ବାଣର ଥିବାରୁ, ଦେବତାଙ୍କ ଆବାହନରୁ ବିସର୍ଜନରେ, ଦଶହରା ରାବଣ ପୋଡ଼ିରେ, ଦୀପାବଳୀ ଭଳିଆ ଉତ୍ସବରେ, ମେଳଣ ପଡ଼ିଆରେ ପ୍ରତିଯୋଗିତାମୂଳକ ବାଣଫୁଟା ସଙ୍ଗେ ନିର୍ବାଣ ପ୍ରାପ୍ତିର ସୁଯୋଗ ମିଳୁଛି । ମଣିଷ ଏହାର ଉପାଦେୟତା ଓ ମହତ୍ତ୍ୱ ବୁଝନ୍ତି । ଏଇ ବାଣ ପାଇଁ ସିନା ଯମୁନା ଜଳଠୁ ଅନେକ ସାନ ବଡ଼ ନଦୀ, ବାୟୁମଣ୍ଡଳ, ରାସ୍ତାଘାଟ ଭଲ ପ୍ରଦୂଷଣ ହୋଇପାରୁଛି। ଆଛା ଆଛା ଶକ୍ତିଶାଳୀ ଲୋକଙ୍କ ଠାରୁ ଶିଶୁ ପର୍ଯ୍ୟନ୍ତ ନାକ ରୁନ୍ଧି ଦେଇପାରେ। ବାଣ ଆଲୁଅରେ ଦୀପାବଳି ବେଳେ ସରଗରୁ ପିତୃପୁରୁଷଙ୍କୁ ମର୍ତ୍ତ୍ୟକୁ ଓହ୍ଲାଇ ପୁଣି ଶ୍ରାଦ୍ଧ ଗ୍ରହଣ ପରେ ଭଲରେ ଫେରେଇ ତ ଦିଏ । ତା'ସାଙ୍ଗକୁ ଗଲାବେଳେ ବାଣଦ୍ୱାରା ନିର୍ବାଣ ପାଉଥିବା ଅନେକ ଲୋକଙ୍କୁ ନେଇ ବି ଯାଏ । ଏଇ ବାଣ ସିନା ଅମ୍ଳଜାନର ପ୍ରାଣ ବାୟୁମଣ୍ଡଳରୁ ନେଇପାରେ ଲୋକଙ୍କୁ ଅକ୍ସିଜେନ ଜାଗାରେ ଅଙ୍ଗାରକାମ୍ଳକୁ ଧାରଣ କରିବାର ଶକ୍ତି ବଢ଼ାଇପାରେ। ତେଣିକି ପ୍ରଦୂଷଣଜନିତ ରୋଗରେ ଅକାଳ ମୃତ୍ୟୁ ହେଉ ! ସଫା ଆକାଶକୁ ସୁନ୍ଦର ଧୂମାୟିତ କରି ରଙ୍ଗେଇ ଦେଉ !

ଗଲା ବାଣ ଅମାସିଆରେ ବାଣ ଶବ୍ଦରେ ସୁକୁଟି ନାନୀର ଭେଣ୍ଡିଆ ବର ଅସ୍ଥିର ହୋଇ ବିକଳ ଚିତ୍କାର କରିବା ଦେଖି ନାନୀ ବାଣ ଫୁଟାଉଥିବା ଟୋକାଙ୍କୁ ଏଡ଼େ ଉଚ୍ଚା ଶବ୍ଦକରି ବାଣ ନ ଫୁଟେଇବାକୁ ଯେତେ ନେହୁରା ହୋଇ କହିଲା, କିଏ କାହିଁ ଶୁଣିବ ! ଓଲଟା ପିଲାଏ ତା' ଦୁଆର ଆଗରେ ବେଶି ବେଶି ରାତିଅଧ ଯାଏ ଫୁଟେଇଲେ । ପରଦିନ ନାନୀ ତା' ଗିରସ୍ତକୁ ମେଡିକାଲ ନେଲା । ଆଉ, ବାଣ ଦୟାରୁ ଶେଷରେ ନିର୍ବାଣ ପ୍ରାପ୍ତିର ଖବର ମିଳିଲା । ଗୋବିନ୍ଦା ଭାଇର ହୃଷ୍ଟପୁଷ୍ଟ ବଳଦ ଗୁହାଳରୁ ପଘାର ବନ୍ଧନ ଛିଣ୍ଡେଇ ଛଣ ଗଦାମୂଳେ ଲୁଚିଥିଲା । ବାଣ ନିଆଁରେ ଛଣ ସହିତ ପୋଡ଼ି, ସିଏ ବି ନିର୍ବାଣ ଲାଭକଲା । କାର୍ତ୍ତିକ ବାବୁଙ୍କ କୁକୁର ବାଣର ଟାଣୁଆ ଆହ୍ୱାନରେ ଗୃହର ଆସକ୍ତି ତୁଟେଇ ରାତାରାତି ବୈରାଗୀ ହୋଇ ପଳେଇଲା । ତାକୁ କୋଉ ପିଲା ଧରିପକେଇ ତା' ଲାଞ୍ଜରେ ଗୋଟେ ଭଲ ନଡ଼ିଆବାଣ ବାନ୍ଧି ନିଆଁ ଚେଙ୍ଗିଦେବାରୁ ବୈରାଗୀ ହେଉ ହେଉ ନିର୍ବାଣ ଲାଭ କଲା । ଟୋକାଟାଏ କହୁଥିଲା... ଯା ହେଉ ଆଜିଭଳି ପବିତ୍ର ଦିନରେ ସେ ପିତୃପୁରୁଷଙ୍କ ସାଙ୍ଗରେ ସ୍ୱର୍ଗଲୋକକୁ ଗମନ କଲା । ହେଲେ କେତେ ଅସହିଷ୍ଣୁ ଲୋକ ବାଣର ଏତେ ଭଲଗୁଣ ନ ଜାଣି ଏହାକୁ ବନ୍ଦ କରିବାକୁ କୋର୍ଟକଚେରିର ଦ୍ୱାରସ୍ଥ ହେବାରୁ, ଆଇନ ହେଲା-କେବଳ ପଞ୍ଚଷଠୀ ଡେସିବଲ୍ ଭିତରେ ଶବ୍ଦହେଲା ଭଳିଆ ବାଣ ଫୁଟେଇ ପାରିବେ । ତା' ଠୁ ଅଧିକ ଶବ୍ଦର ଫୁଟେଇଲେ ଦଣ୍ଡ ପାଇବେ । ହେଲେ ସୁକୁଟି ନାନୀର ଗିରସ୍ତ, ଗୋବିନ୍ଦା ଭାଇର ବଳଦ କାର୍ତ୍ତିକ ବାବୁଙ୍କ କୁକୁର ଭଳିଆ ଅନେକେ ଏଇ ବାଣ ଶବ୍ଦ ମପା ଯନ୍ତ୍ର ଅଭାବରୁ, ଉଚ୍ଚ ଶବ୍ଦ ମାପି ନ ପାରି, ଅକାଳରେ ନିର୍ବାଣ ପାଇଲେ । ମଣିଷ ଓ ପଶୁଙ୍କ ମାରଣର କାରଣ ଦୋଷୀମାନଙ୍କ ଶାସ୍ତି ବିଧାନ ଅବା କ୍ଷତି ପୂରଣ ପାଇଁ ଅଭିଯୋଗ କରିବା ସମ୍ଭବ ହୋଇପାରିଲାନି । ସେମାନେ ଏଇ ଶବ୍ଦ ମାପିବାକୁ ମାପଫିତା, କି ସ୍କେଲ ଅବା ଦଣ୍ଡି ନିକିତି ଯୋଗାଡ଼ରେ ଅଛନ୍ତି। ତଥାପି ଆଶା ଭରସା ରଖିଛନ୍ତି, ମାଗଣା ଚାଉଳ ମିଳିଲା ଭଳିଆ କୋଉଦିନ ଉପରମୁଣ୍ଡରୁ ଘର ପିଛା ଗୋଟେ ଗୋଟେ ବାଣଶବ୍ଦ ମପା ଯନ୍ତ୍ର ମିଳିବ ଏବଂ ସେଥିରେ କ୍ଷୟକ୍ଷତି ଦେଖେଇ ତାଙ୍କୁ ମୋଟା ଅଙ୍କର କ୍ଷତିପୂରଣ ମିଳିବ !

-ମଙ୍ଗରାଜପୁର, ବୀର ହରେକୃଷ୍ଣପୁର,
ପୁରୀ, ମୋ-୭୦୦୮୧୮୮୮୪୭

## ସମୀକ୍ଷାୟନ

### ମୈତ୍ରୀ (ସାତକଡି ହୋତା ବିଶେଷାଙ୍କ)

ପ୍ରକାଶକ- ଓଡ଼ିଶା ଲେଖକ ସମବାୟ ସମିତି ଲିଃ
ଭୁବନେଶ୍ୱର-୨, ମୂଲ୍ୟ- ୧୦୦ ଟଙ୍କା

ପୀତବାସ ରାଉତରାୟଙ୍କ ସମ୍ପାଦନାରେ ପ୍ରକାଶ ପାଇଛି 'ମୈତ୍ରୀ'ର ସାତକଡି ହୋତା ବିଶେଷାଙ୍କ। ସାତକଡି ହୋତା ମାତୃଭୂମି ଓ ମାତୃଭାଷାର ଉନ୍ନତି ଲାଗି ସଦା ଚେଷ୍ଟିତ ଥିଲେ। ସେ ୬୫ ଖଣ୍ଡ ପୁସ୍ତକ ରଚନାକରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ସେଥିମଧ୍ୟରେ ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଅନୁବାଦ, ଭ୍ରମଣକାହାଣୀ ଓ ଆତ୍ମଜୀବନୀ ରହିଛି । ଯାହା ଓଡ଼ିଆ ସାହିତ୍ୟକୁ ଶ୍ରେଷ୍ଠ ଅବଦାନ। ତାଙ୍କ ସ୍ମୃତିକୁ ନେଇ ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ପଦ୍ମଭୂଷଣ ପ୍ରତିଭା ରାୟ, ଡା. ଅଶୋକ କୁମାର ମହାପାତ୍ର, ଚନ୍ଦ୍ରଶେଖର ରଥ, ରଜତ କୁମାର କର, କିଶୋରୀ ଚରଣ ଦାସ, ବିଭୂତି ପଟ୍ଟନାୟକ, ମନୋଜ କୁମାର ମହାପାତ୍ର ଓ ପ୍ରଫେସର ଶରତ ଚନ୍ଦ୍ର ରଥ ପ୍ରମୁଖ ତାଙ୍କ ସମ୍ପର୍କରେ ନିଜର ସ୍ମୃତିଚାରଣ କରିଛନ୍ତି । ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ସୁଖପାଠ୍ୟ ।




### ରାଜଭୂମି

ସମ୍ପାଦକ- ପବିତ୍ର ବ୍ରହ୍ମପୁତ୍ର ନାୟକ
ମୂଲ୍ୟ-୧୩୦ଟଙ୍କା

ରାଜଭୂମିର ଶାରଦୀୟ ବିଶେଷାଙ୍କ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ସମ୍ପାଦନରେ ପ୍ରକାଶ ପାଇଛି। ଏଥିରେ ସୁଷମା ପରିଜାଙ୍କ ପ୍ରବନ୍ଧ, ଫକୀର ମୋହନ ସେନାପତିଙ୍କ କାଳଜୟୀ କାହାଣୀ, ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଭ୍ରମଣ କାହାଣୀ, ଭାସ୍କର ରାଉତରାୟଙ୍କ ଫିଚର, ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କ ପୁରାଣ କାହାଣୀ, ପ୍ରଫୁଲ୍ଲ ବାରିକଙ୍କ କାହାଣୀ ସହିତ ଅକ୍ଷୟ କୁମାର ଦାଶ, ଭାଗୀରଥି ବେହେରା, ଜ୍ୟୋତିର୍ମୟୀ ପରିଡାଙ୍କ ସୁନ୍ଦର ଲେଖା, ଦିଲୀପ ସ୍ୱାଇଁଙ୍କ କବିତା ଏବଂ ଡକ୍ଟର ଶ୍ରୀହରି ଧଳ, ଇଂ. ସରୋଜ ମହାପାତ୍ର, ସର୍ବାଣୀ ଦାସ, ହଂସନାଥ ମୁଦୁଲି, ଅଧ୍ୟାପିକା ପିୟଦର୍ଶିନୀ ନାୟକ ଓ ଡାକ୍ତର ଶୁଭଶ୍ରୀ ପ୍ରଭା ସ୍ୱାଇଁ ପ୍ରମୁଖଙ୍କ ଲେଖା ରହିଛି। ପତ୍ରିକାରେ ସ୍ଥାନ ପାଇଥିବା ସମସ୍ତ ଲେଖିକା ଓ ଲେଖକଙ୍କ ଲେଖା ବେଶ୍ ସୁଖପାଠ୍ୟ ।




### ଶୋଭନା

ସମ୍ପାଦକ- ବିଧୁଭୂଷଣ ପଟ୍ଟନାୟକ
ମୂଲ୍ୟ-୧୨୫ଟଙ୍କା

'ଶୋଭନା'ର ପୂଜା ସଂଖ୍ୟା ବିଧୁଭୂଷଣ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶ ପାଇଛି । ଏଥିରେ ବିଭୂତି ପଟ୍ଟନାୟକ, ସତ୍ୟ ମିଶ୍ର, ବନଜ ଦେବୀ, ଦାଶ ବେନହୁର, ସଦାନନ୍ଦ ତ୍ରିପାଠୀ, ପରେଶ କୁମାର ପଟ୍ଟନାୟକ, ପ୍ରକାଶ ମହାପାତ୍ର, ମୟାଧର ସାହୁ, ଗିରୀଶ ସାହୁ, ସୁପ୍ରିୟା ପଣ୍ଡା, ସୁରେନ୍ଦ୍ର ମିଶ୍ର, କ୍ଷୀରୋଦ ଦାସ, ଭୀମ ପୃଷ୍ଟି, ନିତ୍ୟାନନ୍ଦ ପଣ୍ଡା, ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର, ଜୟନ୍ତୀ ରଥ, ପ୍ରଦୋଷ ମିଶ୍ର, ମୃତ୍ୟୁଞ୍ଜୟ ଷଡଙ୍ଗୀ, ସୀତେଶ ତ୍ରିପାଠୀ, ଦେଶବନ୍ଧୁ ସ୍ୱାଇଁ ଓ ମନୋଜ ମହାନ୍ତି ଆଦିଙ୍କ ଲେଖା ପ୍ରକାଶିତ ହୋଇଛି । ଲେଖାଗୁଡ଼ିକ ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା ।



# ଖାଉଛନ୍ତି କେଶ

**ସା**ରା ପୃଥିବୀରେ ନାନା ପ୍ରକାରର ଖାଦ୍ୟ ରହିଛି। ତା'ମଧ୍ୟରେ ଅନେକ ଖାଦ୍ୟ ତ ଏତେ ଅଜବ ଯେ, ବିଶ୍ୱାସ ହୁଏନା ମଣିଷ ଏହା ଖାଏ ବୋଲି। ସେମିତି ଏକ ଖାଦ୍ୟ ଏବେ ଚାଇନାର ଲୋକେ ଖାଉଛନ୍ତି ; ଯାହା କି ସୋସିଆଲ ମିଡିଆରେ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଡିଶ୍‌ଟି ଏଥିପାଇଁ ଭାଇରାଲ ହେଉଛି କାରଣ ଏହା ହେଉଛି ମେଞ୍ଚାଏ କେଶ। ଏମିତିରେ ଖାଦ୍ୟରେ ଯଦି ଭୁଲ୍‌ବଶତଃ କେଶଟିଏ ମିଳେ ଭାରି ଘୃଣା ଲାଗେ। ଖାଇବା ସେଇଠି ବନ୍ଦ ହୋଇଯାଏ। ହେଲେ ଚାଇନାରେ ଯେ ମେଞ୍ଚା ମେଞ୍ଚା କେଶ ଖାଉଛନ୍ତି ତାହା ନ ଦେଖିଲେ ବିଶ୍ୱାସ କରି ହେବନି। ଚାଇନାର ଚେଙ୍ଗଡୁ ନାମକ ସ୍ଥାନରେ ଏହି ଅଜବ ସ୍ନାକ୍ସ ମିଳେ। ଆଉ ଏଠାକାର ଲୋକେ ବେଶ୍ ମଜାରେ



ଏହାକୁ ଖାଆନ୍ତି ମଧ୍ୟ। ଏହି ଡିଶ୍‌କୁ କିଏ 'ଫା କାଇ' ଅବା 'ଫ୍ୟାଟ୍ ଚା' କୁହାଯାଏ। ତେବେ ପ୍ରକୃତ କଥା ହେଉଛି ଏହା ମଣିଷର କେଶ ଗୁଚ୍ଛା ନୁହେଁ। ବରଂ ଶୁଖିଲା କାଇନୋବ୍ୟାକ୍ଟେରିୟମ୍, ଯାହାକି ଦେଖିବାକୁ ଅବିକଳ କେଶ ଭଳି। ଏହା ଚାଇନାର ଖାଦ୍ୟ ତାଲିକାରେ ବହୁ ପୂର୍ବରୁ ରହିଛି। କେଶ ଭଳି ଦେଖା ଯାଉଥିବାରୁ ଏହାକୁ 'ହେୟାର ଭେଜିଟେବଲ' ବି କୁହାଯାଏ। ଏହାକୁ ସାଧାରଣତଃ ସିମେଇ ଭଳି ବ୍ୟବହାର କରାଯାଏ, ଯାହାକୁ ସୁପ୍‌ରେ ପକାଇ ଖିଆଯାଏ। ହେଲେ ଆଜିକାଲି ଏହାର କେଶ ଭଳି ଟେକ୍ସଚରକୁ ବଜାୟ ରଖିବା ଲାଗି ଏହାକୁ ବାର୍ବିକ୍ୟୁରେ ରୋଷ୍ଟ କରି ସେଥିରେ ମସଲା ଓ ଚଟଣି ପକାଇ ଖିଆଯାଉଛି। ତେଣୁ ଏହାକୁ ଖାଇବାବେଳେ ଦେଖିଲେ ଲାଗେ ସତେ ଯେମିତି କେଶ ଖାଉଛନ୍ତି। ଏହାକୁ ଗାଁସୁ, ଶାଁକ୍ସି, କିଂଗାଇ, ଶିନଜିୟାଙ୍ଗ ଓ ମଙ୍ଗୋଲିୟା ଆଦି ସ୍ଥାନରେ ଅଧିକ ଖାଆନ୍ତି।





# ହାତରେ ଧରି ହେବନି ଏଇ ଆଇଫୋନ୍

**ଭା**ରତୀୟ ବଂଶୋଭବ ବ୍ରିଟିଶ ୟୁଟ୍ୟୁବର୍ ଅରୁଣ ରୂପେଶ ମେନି ତିଆରି କରିଛନ୍ତି ପୃଥିବୀର ସବୁଠାରୁ ବଡ଼ ଆଇଫୋନ୍। ୬ ଫୁଟ୍ ୭୪ ମିଟର ଉଚ୍ଚତାବିଶିଷ୍ଟ ଏହି ଆଇଫୋନ ୧୫ ପ୍ରୋ ମାକ୍ସର ବିଶାଳ ଆକାର ଦେଖି ଭାବୁଥିବେ ଏହା କେବଳ ଆଇ ଫୋନ୍ ୧୫ ପ୍ରୋର ରିପ୍ଲିକା ହୋଇଥିବ। କାମ କରୁ ନ ଥିବ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ରୂପେଶ ନିଜର ଏହି ବିଶାଳ ନିର୍ମାଣକୁ ଜୀବନ୍ତ କରିବା ଲାଗି ଡିଆଇୟାଇ ପର୍କସ୍ ନାମରେ ପରିଚିତ ମ୍ୟାଥ୍ୟୁ ପର୍କସ୍‌ଙ୍କ ସାହାଯ୍ୟ ନେଇଥିଲେ। ଆଉ ଏହି ବିରାଟକାୟ କାର୍ଯ୍ୟକ୍ଷମ ଆଇଫୋନ ୧୫ ପ୍ରୋ ରିପ୍ଲିକା ତିଆରି କରିବାରେ ସଫଳ ହେଲେ। ଉକ୍ତ ଆଇଫୋନ୍‌ରେ ୮୮ ଇଞ୍ଚର ଓଲେଡ ଡିସପ୍ଲେ ଅଛି। ତା'ସହ ଏଥିରେ ଟେକ୍ସ୍ଟ କରିହେବ, ଇମେଲ ପଠାଇ ହେବ ଓ ଫଟୋ ବି ଉଠାଇ ହେବ। ସାଧାରଣ ଫୋନ୍‌ରେ ଯେଉଁସବୁ ଫିଚର ଥାଏ ଏଥିରେ ସେସବୁ ଫିଚର ଅଛି। ଏଥିରେ କାର୍ଯ୍ୟକ୍ଷମ ଲାଇଟିଂ ସିଷ୍ଟମ ଓ ପୃଥିବୀର ସବୁଠାରୁ ବଡ ୟୁଏସ୍‌ବି–ସି କେବଲ୍ ସହ ଚାର୍ଜିଂ ପୋର୍ଟ ଅଛି। ତେବେ ଏହାକୁ ତିଆରି କଲାବେଳେ ମୁଖ୍ୟ ଚ୍ୟାଲେଞ୍ଜ ଥିଲା ୮୮ ଇଞ୍ଚର ଏଲଜି ସିଗନେଚର ଓଲେଡ ଟିଭିକୁ ଟଚ୍ ସେନସିଟିଭ୍ ଡିସପ୍ଲେ କରିବା। ଏହାପରର ଚ୍ୟାଲେଞ୍ଜ ଥିଲା ଏଥିରେ ସ୍ପିକର, ଥ୍ରୀ ଲେନ୍ସ କ୍ୟାମେରା ସେଟ୍, ଭଲ୍ୟୁମ୍ ଓ ପାୱାର ଓ ୟୁନିକ ଫଙ୍କସନ୍ ବଟନ୍ ଲଗାଇବା। ଏହାକୁ ହାତରେ ଧରିବା ସମ୍ଭବ ନୁହେଁ ବୋଲି ଏକ ଷ୍ଟାଣ୍ଡ ବି କରାଯାଇଛି।



# ଧନିଆ ପର୍ସ

**ମ**ହିଳା ଜଣକ ହାତରେ ଧରିଥିବା ଏହି ଧନିଆପତ୍ର ଦେଖି ଭାବୁଥିବେ ସେ ହୁଏତ ପରିବା ବଜାରରୁ ଫ୍ରେଶ୍ ଫ୍ରେଶ୍ ଧନିଆପତ୍ର କିଣି ଆଣିଛନ୍ତି। ହେଲେ ପ୍ରକୃତ କଥା ସେଇୟା ନୁହେଁ। ଏହା ହେଉଛି ତାଜା ଧନିଆପତ୍ର ଭଳି ଦେଖାଯାଉଥିବା ଏକ ପର୍ସ। ମିଡିଆ ରିପୋର୍ଟ ଅନୁଯାୟୀ ଇଟାଲୀର ଲକ୍ସୁରୀ ବ୍ରାଣ୍ଡ ମୋଶିନୋ ଏହାକୁ ତିଆରି କରିଛି। ଆଉ ଏହାର ମୂଲ୍ୟ କେତେ ଜାଣିଲେ ତ ନିଶ୍ଚିତଭାବେ ଚକିତ ହୋଇଯିବେ। ଏହାର ମୂଲ୍ୟ ହେଉଛି ପ୍ରାୟ ୪ ଲକ୍ଷ ଟଙ୍କା। ଏହାକୁ ଧରିକି ଗଲେ ଲାଗିବ ସତେ ଯେମିତି ଧନିଆ ଗଛ ମେଞ୍ଚେ ଧରିକି ଯାଉଛନ୍ତି। ହେଲେ ପାଖକୁ ଯାଇ ନିରିଖେଇ ଦେଖିଲେ ଜାଣିପାରିବେ ତାହା ଧନିଆପତ୍ର ନୁହେଁ ବରଂ ଏକ ପର୍ସ। ଏଥିରେ ଏକ ଚେନ୍ ଅଛି, ଯାହାକୁ ଖୋଲି ହେବ ଓ ତା' ଭିତରେ ଜିନିଷ ରଖିହେବ। ଏହି ବ୍ୟାଗ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

